
# ଜ୍ଞାନ-ଯୋଗ-ପବିତ୍ରତା-ଶାନ୍ତି
# ପଥ-ପ୍ରଦର୍ଶନୀ





ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ,
ଝାଞ୍ଜିରୀମଙ୍ଗଳା, କଟକ-୭୫୩୦୦୯

# ମୁଁ କିଏ ?




ମନୁଷ୍ୟ ନିଜ ଜୀବନରେ ଅନେକ ରହସ୍ୟ ଉଦ୍‌ଘାଟନ କରିଥାଏ ଏବଂ ତା'ର ଫଳସ୍ୱରୂପ କିଛି ପୁରସ୍କାର ମଧ୍ୟ ପାଇଥାଏ । ମାତ୍ର ଏହି ଛୋଟ ରହସ୍ୟର ସମାଧାନ କେହି ଜାଣନ୍ତି ନାହିଁ, 'ମୁଁ କିଏ ?' ପ୍ରତ୍ୟେକ ମନୁଷ୍ୟ ସାରାଦିନ 'ମୁଁ... ମୁଁ...' କହୁଥିଲେ ମଧ୍ୟ ତାକୁ ଯଦି ପଚରାଯାଏ, 'ମୁଁ' କହୁଛି କିଏ, ତେବେ ସେ କହିବ, ଯେ 'ମୁଁ କୃଷ୍ଣଚନ୍ଦ୍ର ବା ମୁଁ ରାମଚନ୍ଦ୍ର ଅଟେ ।' ତଥାପି ଯଦି ଚିନ୍ତା କରାଯାଏ ତାହା ବାସ୍ତବରେ ଶରୀରର ନାମ ଅଟେ, ଶରୀର ମୋର, 'ମୁଁ' ଶରୀରଠାରୁ ଅଲଗା । ତେବେ ଏହି ସାମାନ୍ୟ ରହସ୍ୟର ପ୍ରକୃତ ସାମାଧାନ ନ ଜାଣିବା କାରଣରୁ ଅର୍ଥାତ୍ ନିଜକୁ ନ ଜାଣିବା ହେତୁ ଆଜି ସମସ୍ତେ ଦେହ ଅଭିମାନୀ ଓ ବିକାରର ବଶବର୍ତ୍ତୀ ହୋଇ ଦୁଃଖୀ ହୋଇଯାଇଛନ୍ତି ।

ବର୍ତ୍ତମାନ ପରମପିତା ପରମାତ୍ମା କହୁଛନ୍ତି ଆଜିର ମନୁଷ୍ୟ ଏତେ ଅଭିମାନୀ ହୋଇଛି ଯେ ସେ ନିଜକୁ ଭାବୁଛି, 'ମୁଁ ଜଣେ ସେଠ, ସ୍ୱାମୀ ବା ଅଫିସର ।' ମାତ୍ର ସେ ଏତେ ଅଜ୍ଞାନରେ ରହିଛି ଯେ ନିଜକୁ ମଧ୍ୟ ଠିକ୍ ଭାବେ ଜାଣୁନାହିଁ । 'ମୁଁ କିଏ', ଏ ସୃଷ୍ଟିରୂପୀ ଖେଳ ଆଦିରୁ ଅନ୍ତ ପର୍ଯ୍ୟନ୍ତ କିପରି ପ୍ରସ୍ତୁତ କରାଯାଇଛି, ମୁଁ ଏଥିରେ କୁଆଡୁ ଆସିଛି, କେବେ ଆସିଛି, କିପରି ସୁଖ ଶାନ୍ତିର ରାଜ୍ୟ ହରାଇଲି ତଥା ପରମପିତା ପରମାତ୍ମା (ଏହି ସୃଷ୍ଟିର ରଚୟିତା) କିଏ ?' ଏହି ରହସ୍ୟକୁ କେହି ଜାଣନ୍ତି ନାହିଁ । ଏବେ ଜୀବନର ଏହି ରହସ୍ୟକୁ ପୁଣି ଥରେ ଜାଣି ମନୁଷ୍ୟ ଆତ୍ମ ଅଭିମାନୀ ହୋଇପାରିବ । ଯାହାର ଫଳସ୍ୱରୂପ ନରରୁ ଶ୍ରୀ ନାରାୟଣ ଓ ନାରୀରୁ ଶ୍ରୀଲକ୍ଷ୍ମୀ ପଦ ପ୍ରାପ୍ତି ହୋଇପାରିବ ଏବଂ ମନୁଷ୍ୟକୁ ମୁକ୍ତି ତଥା ଜୀବନମୁକ୍ତି ମିଳିପାରିବ ।

# ପଥ ପ୍ରଦର୍ଶନୀ

କୌଣସି ମନୁଷ୍ୟ ଦୁଃଖୀ ଓ ଅଶାନ୍ତ ହେଲେ ସେ ପ୍ରଭୁଙ୍କୁ ଡାକିଥାଏ - 'ହେ ଦୁଃଖହର୍ତ୍ତା, ସୁଖକର୍ତ୍ତା ଶାନ୍ତିଦାତା ପ୍ରଭୁ ! ମୋତେ ଶାନ୍ତି ପ୍ରଦାନ କରନ୍ତୁ ।' ବିକାରର ବଶୀଭୂତ ହୋଇ ମନୁଷ୍ୟ ପବିତ୍ରତା ପାଇଁ ପରମାତ୍ମାଙ୍କର ଆରତି କରି କହିଥାଏ, 'ବିଷୟ ବିକାର ଦୂର କରି ପାପହରଣ କର, ହେ ପ୍ରଭୁ !' ଅଥବା ଆମ ସମସ୍ତଙ୍କୁ ଶୁଦ୍ଧତା ପ୍ରଦାନ କର ।' କିନ୍ତୁ ପରମପିତା ପରମାତ୍ମା ବିକାର ତଥା ଅବଗୁଣକୁ ଦୂର କରିବା ପାଇଁ ଯେଉଁ ଈଶ୍ୱରୀୟ ଜ୍ଞାନ ଦେଉଛନ୍ତି ତଥା ସହଜ ରାଜଯୋଗ ଶିଖାଉଛନ୍ତି, ସାଧାରଣତଃ ମନୁଷ୍ୟ ସେଥି ସହିତ ଅପରିଚିତ ଏବଂ ବ୍ୟାବହାରିକ ରୂପରେ ଏହା ଧାରଣ କରିନଥାନ୍ତି । ପରମପିତା ପରମାତ୍ମା ଆମର ପଥ ପ୍ରଦର୍ଶନ କରାଇବା ସଙ୍ଗେ ସଙ୍ଗେ ଆମକୁ ସହାୟତା ଦେଇଥାନ୍ତି କିନ୍ତୁ ପୁରୁଷାର୍ଥ ତ ଆମକୁ ସ୍ୱତଃ କରିବାକୁ ହେବ, ତେବେ ଆମେ ଜୀବନରେ ବାସ୍ତବିକ ସୁଖ-ଶାନ୍ତି ପ୍ରାପ୍ତ କରିପାରିବା ଏବଂ ଶ୍ରେଷ୍ଠାଚାରୀ ହୋଇପାରିବା ।

ପରବର୍ତ୍ତୀ ପୃଷ୍ଠାଗୁଡ଼ିକରେ ପରମାତ୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ଜ୍ଞାନ ଓ ସହଜ ରାଜଯୋଗର ପଥ ଦର୍ଶାଇ ଦିଆଯାଇଛି । ଏହାକୁ ଚିତ୍ର ଆକାରରେ ଅଙ୍କନ କରାଯାଇ ପ୍ରତ୍ୟେକ ଚିତ୍ର ଉପରେ ଲିଖିତ ବ୍ୟାଖ୍ୟା ଦିଆଯାଇଛି, ଯାହାକି ଏହି ରହସ୍ୟ ସହଜରେ ଗ୍ରହଣଯୋଗ୍ୟ ହୋଇଯିବ । ଏହାକୁ ପଢ଼ିଲେ ଆପଣଙ୍କୁ ବହୁତ ନୂତନ ଜ୍ଞାନ-ରତ୍ନ ମିଳିପାରିବ । ଏବେ ପ୍ରତ୍ୟକ୍ଷଭାବେ ରାଜଯୋଗର ଅଭ୍ୟାସ କରି ଜୀବନକୁ ଦିବ୍ୟ କରିବା ପାଇଁ ଆପଣ ଏହି ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଯେ କୌଣସି ସେବାକେନ୍ଦ୍ରରେ ପଦାର୍ପଣ କରି ନିଃଶୁଳ୍କ ସ୍ୱଉନ୍ନତିର ସୁଯୋଗ ନିଅନ୍ତୁ ।

## ଅମୃତ ସୂଚୀ


୧. ପଥ ପ୍ରଦର୍ଶନୀ
୨. ଆତ୍ମା କ'ଣ ଓ ମନ କ'ଣ ?
୩. ତିନିଲୋକ କ'ଣ ଓ ପରମାତ୍ମା ଶିବଙ୍କର ନିବାସ ସ୍ଥାନ କେଉଁଠି ?
୪. ଗୋଟିଏ ଆଶ୍ଚର୍ଯ୍ୟଜନକ କଥା
୫. ସର୍ବ ଆତ୍ମାଙ୍କର ପିତା ପରମାତ୍ମା
୬. ପରମାତ୍ମା ଓ ତାଙ୍କର ଦିବ୍ୟ କର୍ତ୍ତବ୍ୟ
୭. ପରମାତ୍ମାଙ୍କର ଦିବ୍ୟ ଅବତରଣ
୮. ଶିବ ଓ ଶଙ୍କରଙ୍କ ମଧ୍ୟରେ ପାର୍ଥକ୍ୟ
୯. ଗୋଟିଏ ବିରାଟ ଭୁଲ
୧୦. ସୃଷ୍ଟିରୂପୀ ଓଲଟା ଅଦ୍ଭୁତ ବୃକ୍ଷ
୧୧. ପ୍ରଭୁ ମିଳନର ପୁରୁଷୋତ୍ତମ ସଙ୍ଗମଯୁଗ
୧୨. ମନୁଷ୍ୟ ୮୪ ଜନ୍ମର ଅଦ୍ଭୁତ କାହାଣୀ
୧୩. ମନୁଷ୍ୟାତ୍ମା ୮୪ ଲକ୍ଷ ଯୋନି ଧାରଣ କରେ ନାହିଁ
୧୪. ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ
୧୫. ପ୍ରଜାପିତା ବ୍ରହ୍ମା ଓ ଜଗଦମ୍ବା ସରସ୍ୱତୀ
୧୬. ସୃଷ୍ଟି ନାଟକର ରଚୟିତା ଓ ନିର୍ଦ୍ଦେଶକ କିଏ ?
୧୭. କଳିଯୁଗ ଏବେ ପିଲା ନୁହେଁ, ଏହାର ବିନାଶ ନିକଟ ହୋଇ ଆସିଲାଣି
୧୮. ରାବଣର କ'ଣ ଦଶଟି ମୁଣ୍ଡ ଥିଲା ?
୧୯. ମନୁଷ୍ୟ ଜୀନର ଲକ୍ଷ୍ୟ କ'ଣ ?
୨୦. ନିକଟ ଭବିଷ୍ୟତରେ ଶ୍ରୀକୃଷ୍ଣ ଆସୁଛନ୍ତି
୨୧. ସର୍ବଶାସ୍ତ୍ର ଶିରୋମଣି ଶ୍ରୀମଦ୍ ଭଗବଦ୍ ଗୀତାର ଜ୍ଞାନଦାତା କିଏ ?
୨୨. ଗୀତା ଜ୍ଞାନ ହିଂସକ ଯୁଦ୍ଧ କରିବା ପାଇଁ ଦିଆଯାଇନଥିଲା ।
୨୩. ଜୀବନ କମଳପୁଷ୍ପ ତୁଲ୍ୟ ହେବ କିପରି ?
୨୪. ରାଜଯୋଗର ଆଧାର ତଥା ବିଧି
୨୫. ରାଜଯୋଗର ସ୍ତମ୍ଭ ଅଥବା ନିୟମ
୨୬. ରାଜଯୋଗ ଦ୍ୱାରା ଅଷ୍ଟ-ଶକ୍ତି ପ୍ରାପ୍ତି
୨୭. ରାଜଯୋଗର ଯାତ୍ରା-ସ୍ୱର୍ଗ ଆଡକୁ
୨୮. ସାହିତ୍ୟ ତାଲିକା ଓ ସେବାକେନ୍ଦ୍ର ସୂଚୀ

# ଆତ୍ମା କ'ଣ ଓ ମନ କ'ଣ ?


ପ୍ରତିଦିନ ମନୁଷ୍ୟ କଥାବାର୍ତ୍ତାରେ ଅନେକଥର 'ମୁଁ' ଶବ୍ଦ ପ୍ରୟୋଗ କରିଥାଏ । ଏହା ଏକ ଆଶ୍ଚର୍ଯ୍ୟଜନକ କଥା ଯେ ପ୍ରତିଦିନ 'ମୁଁ' ଆଉ 'ମୋର' ଶବ୍ଦ ବାରମ୍ବାର ପ୍ରୟୋଗ ସତ୍ତ୍ୱେ 'ମୁଁ' କହିବା ସତ୍ତାର ସ୍ୱରୂପ କ'ଣ ଅର୍ଥାତ୍ 'ମୁଁ' ଶବ୍ଦ ଯେଉଁ ବସ୍ତୁର ସୂଚକ, ତାହା ଯଥାର୍ଥ ରୂପରେ ଜଣା ନଥାଏ । ଆଜି ମନୁଷ୍ୟ ବିଜ୍ଞାନ ଦ୍ୱାରା ବଡ ବଡ ଶକ୍ତିଶାଳୀ ପଦାର୍ଥ ସୃଷ୍ଟି କରିପାରିଛି; ସଂସାରର ଅନେକ ପ୍ରଶ୍ନର ଉତ୍ତର ପାଇପାରିଛି ଏବଂ ସେ ଅନେକ ଜଟିଳ ସମସ୍ୟାର ସମାଧାନ କରିବା ପାଇଁ ନିରନ୍ତର ବ୍ରତୀ ହୋଇଛି, ମାତ୍ର 'ମୁଁ' କହିବାବ୍ୟକ୍ତି କିଏ ସେ ସମ୍ବନ୍ଧରେ ସତ୍ୟତାକୁ କେହି ଜାଣନ୍ତି ନାହିଁ ଅର୍ଥାତ୍ ନିଜକୁ ଚିହ୍ନିନାହାଁନ୍ତି । ଯଦି କାହାକୁ ପଚରାଯାଏ - 'ଆପଣ କିଏ ?' ବା 'ଆପଣଙ୍କର ପରିଚୟ କ'ଣ ?' ତେବେ ସେ ଉତ୍ତରରେ ତା'ର ଶରୀରର ନାମ ଓ କରୁଥିବା କର୍ମର ପରିଚୟ ଦେଇଥାଏ ।

ବାସ୍ତବରେ 'ମୁଁ' ଶବ୍ଦ ଶରୀରଠାରୁ ଭିନ୍ନ ଚୈତନ୍ୟସତ୍ତା 'ଆତ୍ମା'ର ସୂଚକ, ଯେପରି କି ଚିତ୍ରରେ ଦର୍ଶାଯାଇଛି । ମନୁଷ୍ୟ (ଜୀବାତ୍ମା) ଆତ୍ମା ଓ ଶରୀରର ସମଷ୍ଟି । ଯେପରି ଶରୀର ପଞ୍ଚତତ୍ତ୍ୱ (ଜଳ, ବାୟୁ, ଆକାଶ, ଅଗ୍ନି ଓ ପୃଥିବୀ)ରେ ସୃଷ୍ଟି, ସେପରି ଆତ୍ମା - ମନ, ବୁଦ୍ଧି ଓ ସଂସ୍କାରର ମିଳନରେ ଗଠିତ । ଆତ୍ମାଠାରେ ବିଚାର କରିବାର ଓ ନିର୍ଣ୍ଣୟ କରିବାର ଶକ୍ତି ଥାଏ । ଆତ୍ମା ଯେପରି କର୍ମ କରିଥାଏ ସେହି ଅନୁସାରେ ତା'ର ସଂସ୍କାର ତିଆରି ହୋଇଥାଏ ।


ଆତ୍ମା ଏକ ଚୈତନ୍ୟ ଓ ଅବିନାଶୀ ଜ୍ୟୋତିର୍ବିନ୍ଦୁ ରୂପେ ମାନବ ଦେହର ଭ୍ରୂକୁଟି ମଧ୍ୟରେ ନିବାସ କରିଥାଏ । ଯେପରି ରାତ୍ରିରେ ଆକାଶରେ ତାରା ଗୋଟିଏ ଆଲୋକବିନ୍ଦୁ ପରି ଚମକୁଥାଏ, ସେପରି ଦିବ୍ୟଦୃଷ୍ଟି ଦ୍ୱାରା ଆତ୍ମା ଗୋଟିଏ ତାରା ପରି ଦେଖାଯାଇଥାଏ । ଏଥିପାଇଁ ପଞ୍ଜାବୀ ଭାଷାରେ ଏକ ଉକ୍ତି ଅଛି - 'ଭ୍ରୂକୁଟି ମେଁ ଚମକତା ହୈ ଏକ୍ ଅଜବ୍ ସୀତାରା, ଗରିବାଂ ନୁଁ ସାହିବା ଲଗଦା ଏ ପ୍ୟାରା ।' ଆତ୍ମାର ବାସସ୍ଥାନ ଭ୍ରୂକୁଟିରେ ହୋଇଥିବା କାରଣରୁ ମନୁଷ୍ୟ ଗଭୀର ଚିନ୍ତାମଗ୍ନ ସମୟରେ କପାଳରେ ହାତ ଦେଇଥାଏ । ଯେତେବେଳେ ସେ ଏହି କହିଥାଏ ମୁଁ ହତଭାଗ୍ୟ, ସେତେବେଳେ ମଧ୍ୟ ସେଇଠି ହାତ ରଖିଥାଏ । ଏଠାରେ ଆତ୍ମାର ବାସସ୍ଥାନ ହେବା କାରଣରୁ ଭକ୍ତମାନେ ଏଇଠି ବିନ୍ଦୁ ଅବା ତିଳକ ଲଗାଇବାର ପ୍ରଥା ରହିଛି । ଆତ୍ମାର ସମ୍ବନ୍ଧ ମସ୍ତିଷ୍କ ସହିତ ଏହିଠାରୁ ଯୋଡା ହୋଇଛି ଏବଂ ମସ୍ତିଷ୍କର ସମ୍ବନ୍ଧ ସାରା ଶରୀରରେ ବିସ୍ତାରିତ ଜ୍ଞାନତନ୍ତୁ ସହିତ ରହିଛି । ପ୍ରଥମେ ଆତ୍ମାରେ ସଂକଳ୍ପ ସୃଷ୍ଟି ହୋଇ ମସ୍ତିଷ୍କ ତଥା ତନ୍ତୁସମୂହ ଦ୍ୱାରା ପ୍ରକାଶିତ ହୋଇଥାଏ । ଆତ୍ମା ହିଁ ଦୁଃଖ, ସୁଖ ତଥା ଶାନ୍ତିର ଅନୁଭବ କରିଥାଏ ତଥା ନିର୍ଣ୍ଣୟ କରିଥାଏ । ଆତ୍ମାରେ ହିଁ ସଂସ୍କାର ରହିଥାଏ । ତେଣୁ ମନ ଓ ବୁଦ୍ଧି ଆତ୍ମାଠାରୁ ଭିନ୍ନ ନୁହଁନ୍ତି । ଆତ୍ମା ଆଜି ନିଜକୁ ଭୁଲି ଶରୀର ଯଥା - ସ୍ତ୍ରୀ, ପୁରୁଷ, ଯୁବକ, ଯୁବତୀ, ବୃଦ୍ଧ ଓ ବୃଦ୍ଧା ଇତ୍ୟାଦିର ସ୍ମୃତିରେ ଆସିଯାଇଛି । ଏହି ଦେହ ଅଭିମାନ ହିଁ ସମସ୍ତ ଦୁଃଖର କାରଣ ।

ଉପରୋକ୍ତ ରହସ୍ୟକୁ ମୋଟର ଆଉ ଡ୍ରାଇଭର ଉଦାହରଣ ଦ୍ୱାରା ସ୍ପଷ୍ଟ କରାଯାଇଛି । ଶରୀର ଏକ ମୋଟର ସମାନ ତଥା ଆତ୍ମା ତାହାର ଡ୍ରାଇଭର । ଯେପରି ଡ୍ରାଇଭର ମୋଟରକୁ ନିୟନ୍ତ୍ରଣ କରିଥାଏ, ସେହିପ୍ରକାର ଆତ୍ମା ଶରୀରର ନିୟନ୍ତ୍ରଣ କରିଥାଏ । ଆତ୍ମା ବିନା ଶରୀର ନିଷ୍ପ୍ରାଣ, ଯେପରି ଡ୍ରାଇଭର ବିନା ମୋଟର । ଏଣୁ ପରମପିତା ପରମାତ୍ମା କହୁଛନ୍ତି ନିଜେ ନିଜକୁ ଚିହ୍ନିପାରିଲେ, ମନୁଷ୍ୟ ଏହି ଶରୀରରୂପୀ ମୋଟରକୁ ଚଳେଇ ପାରିବ ଏବଂ ନିଜର ଲକ୍ଷ୍ୟ (ଗନ୍ତବ୍ୟ ସ୍ଥାନ)ରେ ପହଞ୍ଚିପାରିବ । ନଚେତ୍ ଯେପରି ଡ୍ରାଇଭର ନିଜର ଅସାବଧାନତା ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ ଗାଡି ତଥା ଯାତ୍ରୀମାନଙ୍କର ଧନ, ଜୀବନ ନଷ୍ଟ ହୋଇଥାଏ, ସେହିପ୍ରକାର ଯାହାକୁ ନିଜର ପରିଚୟ ଜଣାନାହିଁ, ସେ ନିଜେ ଦୁଃଖୀ ଏବଂ ଅଶାନ୍ତ ହେବା ସଙ୍ଗେ ସଙ୍ଗେ ନିଜର ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଦୁଃଖୀ ଓ ଅଶାନ୍ତ କରାଇଥାଏ । ଏଣୁ ପ୍ରକୃତ ସୁଖ - ଶାନ୍ତି ପ୍ରାପ୍ତି ପାଇଁ ନିଜକୁ ଜାଣିବା ଅତି ଆବଶ୍ୟକ ।

# ଆତ୍ମା କ'ଣ ଓ ମନ କ'ଣ ?


आप आत्मा है
YOU ARE A SOUL
हड्डी मांस का पुतला
जीवात्मा
आत्मा
SOUL
मन
MIND
बुद्धि
INTELLECT
संस्कार
RESOLVES
SKELETON OF BONES & FLESH
HUMAN BEING
जैसे ड्राईवर मोटर का नियन्त्रण करता है
उसी प्रकार आत्मा शरीर का नियन्त्रण करती है
शरीर रुपी मोटर BODY-THE MOTOR
SOUL THE DRIVER
आत्मा ड्राइवर
RGS 108
AS THE DRIVER CONTROLS THE MOTOR,SOUL CONTROLS THE BODY

# ତିନିଲୋକ କ'ଣ
## ଏବଂ
## ପରମାତ୍ମା ଶିବଙ୍କର ନିବାସ ସ୍ଥାନ କେଉଁଠି ?




**ସର୍ବବ୍ୟାପକ ଏକ ଭାବନା ଅଟେ, କିନ୍ତୁ ସିଦ୍ଧାନ୍ତ ନୁହେଁ ।**

OMNIPRESENCE OF GOD IS A FEELING, NOT A FACT

# ତିନିଲୋକ କେଉଁଠି ଓ
# ପରମାତ୍ମା ଶିବଙ୍କ ଧାମ କେଉଁଠି ?

ମନୁଷ୍ୟାତ୍ମାଗଣ ମୁକ୍ତି ଅଥବା ପୂର୍ଣ୍ଣଶାନ୍ତିର ଇଚ୍ଛା କରିଥାନ୍ତି, କିନ୍ତୁ କାହାକୁ ଏତିକି ଜଣାନାହିଁ ଯେ ମୁକ୍ତିଧାମ କେଉଁଠି ଅଥବା ଶାନ୍ତିଧାମ କେଉଁଠି ? ସେହିପ୍ରକାର ପରମପିତା ପରମାତ୍ମା ଶିବଙ୍କ ସହିତ ମନୁଷ୍ୟାତ୍ମା ମିଶିବାକୁ ଚାହୁଁଛନ୍ତି ଆଉ ତାଙ୍କୁ ମନେ ବି ପକାଉଛନ୍ତି; କିନ୍ତୁ ଜଣାନାହିଁ, ପବିତ୍ରଧାମ କେଉଁଠି, ଯେଉଁଠାରୁ ପରମପିତା ଶିବ ଆସି ଏ ସୃଷ୍ଟିରେ ଅବତରଣ କରନ୍ତି ? ଆଶ୍ଚର୍ଯ୍ୟକଥା ଯେ ଯେଉଁଠୁ ଆମେ ସବୁ ମନୁଷ୍ୟାତ୍ମା ସୃଷ୍ଟିରୂପୀ ରଙ୍ଗମଞ୍ଚ ଉପରକୁ ଆସିଛୁ, ସେହି ପ୍ରିୟ ଦେଶକୁ ସମସ୍ତେ ଭୁଲିଗଲେଣି । ଆଉ କେହି ସେଠାକୁ ଫେରି ଯାଇପାରୁ ନାହାଁନ୍ତି ।

**(୧) ସାକାର ମନୁଷ୍ୟଲୋକ** - ପାର୍ଶ୍ୱ ଚିତ୍ରରେ ଦେଖାଇ ଦିଆଯାଇଛି, ଗୋଟିଏ ହେଲା ସାକାର 'ମନୁଷ୍ୟଲୋକ' ଯେଉଁଥିରେ ଆମେ ବର୍ତ୍ତମାନ ଅଛୁ । ଏଠାରେ ସମସ୍ତ ଆତ୍ମା ହାଡ-ମାଂସର ସ୍ଥୂଳ ଶରୀର ନେଇ କର୍ମ କରନ୍ତି ଏବଂ ସୁଖ-ଦୁଃଖର ଫଳ ଭୋଗ କରନ୍ତି ତଥା ଜନ୍ମ-ମରଣଚକ୍ରରେ ଆସିଥା'ନ୍ତି । ଏହି ଲୋକରେ ସଂକଳ୍ପ, ଧ୍ୱନି ଓ କର୍ମ ତିନିଟିଯାକ ଥାଏ । ତାହାକୁ 'ପଞ୍ଚତତ୍ତ୍ୱର ସୃଷ୍ଟି' ଅଥବା 'କର୍ମକ୍ଷେତ୍ର' କୁହାଯାଏ । ଏହି ସୃଷ୍ଟି ଆକାଶ ତତ୍ତ୍ୱର ଅଂଶମାତ୍ର । ଏହା ସଂଲଗ୍ନ ତ୍ରିଲୋକ ଚିତ୍ରରେ ଓଲଟାବୃକ୍ଷ ରୂପରେ ଦେଖାଇ ଦିଆଯାଇଛି, କାରଣ ଏହାର ବୀଜରୂପ ପରମାତ୍ମା ଶିବ ଜନ୍ମମରଣରହିତ ।

**(୨) ସୂକ୍ଷ୍ମ ଦେବଲୋକ** - ଏହି ମନୁଷ୍ୟଲୋକ, ସୂର୍ଯ୍ୟ, ତାରାଗଣ ତଥା ଆକାଶତତ୍ତ୍ୱର ଊର୍ଦ୍ଧ୍ୱରେ ଗୋଟିଏ ପ୍ରକାଶମୟ ସୂକ୍ଷ୍ମଲୋକ ଅଛି । ସେହି ପ୍ରକାଶର ଗୋଟିଏ ଅଂଶରେ ବ୍ରହ୍ମା, ବିଷ୍ଣୁ ତଥା ଶଙ୍କରଙ୍କର ଅଲଗା ଅଲଗା ବାସସ୍ଥଳ (କୋଠରୀ) ରହିଅଛି । ଏହି ଦେବତାଙ୍କର ଶରୀର ହାଡ, ମାଂସରେ ଗଢ଼ାନହୋଇ ପ୍ରକାଶଯୁକ୍ତ ହୋଇଥାଏ, ଯାହାକୁ ଦିବ୍ୟଚକ୍ଷୁ ଦ୍ୱାରା ଦେଖାଯାଇ ପାରିଥାଏ । ଏଠାରେ ଦୁଃଖ ଓ ଅଶାନ୍ତି ନଥାଏ । ସଂକଳ୍ପ, କର୍ମ ଥାଏ ତଥା କଥାବାର୍ତ୍ତା ମଧ୍ୟ ଚାଲେ, କିନ୍ତୁ ଶବ୍ଦ ହୁଏ ନାହିଁ ।

**(୩) ବ୍ରହ୍ମଲୋକ ଓ ଶିବଲୋକ** - ସୂକ୍ଷ୍ମଲୋକ ଉପରେ ଆଉ ଗୋଟିଏ ଲୋକ ଅଛି, ଯାହାକୁ 'ବ୍ରହ୍ମଲୋକ', 'ମୁକ୍ତିଧାମ', 'ଶାନ୍ତିଧାମ', 'ଶିବଲୋକ' ଇତ୍ୟାଦି ନାମରେ ସ୍ମରଣ କରାଯାଇଥାଏ । ଏହା ସୁନେଲି ଲାଲ ରଙ୍ଗ ବିଶିଷ୍ଟ ପ୍ରକାଶ ପରିବ୍ୟାପ୍ତ, ଯାହାକୁ ବ୍ରହ୍ମତତ୍ତ୍ୱ, ଷଷ୍ଠତତ୍ତ୍ୱ ବା ମହାତତ୍ତ୍ୱ କୁହାଯାଇପାରେ । ଏହାର ଅଂଶମାତ୍ର ଜ୍ୟୋତିର୍ବିନ୍ଦୁସ୍ୱରୂପ ଆତ୍ମାମାନେ ମୁକ୍ତ ଅବସ୍ଥାରେ ରହିଥାନ୍ତି । ଏଠାରେ ପ୍ରତ୍ୟେକ ଧର୍ମ ଆତ୍ମାମାନଙ୍କର ସଂସ୍ଥାନ (Section) ଅଛି ।

ଏ ସବୁର ଊର୍ଦ୍ଧ୍ୱରେ ସଦାମୁକ୍ତ, ଚୈତନ୍ୟ, ଜ୍ୟୋତିର୍ବିନ୍ଦୁ ରୂପ ପରମାତ୍ମା 'ସଦାଶିବ'ଙ୍କ ନିବାସସ୍ଥାନ ବିଦ୍ୟମାନ । ଏହି ଲୋକକୁ କଳ୍ପ ଶେଷରେ, ସୃଷ୍ଟିର ମହାବିନାଶ ହେବା ପରେ ଆତ୍ମାମାନେ ନିଜ ନିଜର କର୍ମଫଳ ଭୋଗ କରି ତଥା ପବିତ୍ର ହୋଇ ଫେରିଯାଇଥାନ୍ତି । ଏଠାରେ ମନୁଷ୍ୟାତ୍ମା ଦେହବନ୍ଧନ, କର୍ମବନ୍ଧନ ତଥା ଜନ୍ମମରଣରୁ ମୁକ୍ତ ହୋଇଥାନ୍ତି । ଏଠାରେ ନା ସଂକଳ୍ପ ଅଛି, ନା ବାଣୀ, ନା କର୍ମ । ଏହି ଲୋକକୁ ପରମପିତା ପରମାତ୍ମା ଶିବଙ୍କ ବ୍ୟତୀତ ଅନ୍ୟ କୌଣସି 'ଗୁରୁ' ଆଦି ନେଇଯାଇ ପାରିବେ ନାହିଁ । ଏଠାକୁ ଯାତ୍ରା କରିବା ଅର୍ଥ ବାସ୍ତବରେ ଅମରନାଥ, ରାମେଶ୍ୱର ଅଥବା ବିଶ୍ୱେଶ୍ୱରକୁ ଯାତ୍ରା କରିବା । କାହିଁକି ନା ଅମରନାଥ ପରମାତ୍ମା (ଶିବ) ଏଠାରେ ରହନ୍ତି ।

# ଗୋଟିଏ ଆଶ୍ଚର୍ଯ୍ୟଜନକ କଥା

ପ୍ରାୟ ସମସ୍ତେ ପରମାତ୍ମାଙ୍କୁ 'ହେ ପିତା', 'ହେ ଦୁଃଖହର୍ତ୍ତା, ସୁଖକର୍ତ୍ତା ପ୍ରଭୁ !' (O Heavenly God Father) ସମ୍ବନ୍ଧ-ସୂଚକ ଶବ୍ଦରେ ମନେପକାନ୍ତି । କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ସମସ୍ତେ ଯାହାଙ୍କୁ 'ପିତା' ବୋଲି ସମ୍ବୋଧନ କରୁଛନ୍ତି, ତାଙ୍କର ସତ୍ୟ ଓ ସ୍ପଷ୍ଟ ପରିଚୟ କେହି ଜାଣନ୍ତି ନାହିଁ ଏବଂ ତାଙ୍କ ସହିତ ସେମାନଙ୍କର ଯଥାର୍ଥ ରୂପେ ସ୍ନେହ ଓ ସମ୍ବନ୍ଧ ମଧ୍ୟ ନାହିଁ । ପରିଚୟ ଓ ସ୍ନେହ ନଥିବା କାରଣରୁ ପରମାତ୍ମାଙ୍କୁ ସ୍ମରଣ କରୁଥିବା ସମୟରେ ସେମାନଙ୍କ ମନର ଏକାଗ୍ରତା ରହିନଥାଏ । ଏଥିପାଇଁ ପରମପିତା ପରମାତ୍ମାଙ୍କଠାରୁ ଯାହାସବୁ ଶାନ୍ତି, ସୁଖ, ଜନ୍ମସିଦ୍ଧ ଅଧିକାର ରୂପେ ପ୍ରାପ୍ତ ହେବା ଉଚିତ, ତାହା ପ୍ରାପ୍ତ ହୋଇନଥାଏ । ଏଭଳି ଆତ୍ମାମାନେ ପରମପିତା ପରମାତ୍ମାଙ୍କ ସହିତ ମଧୁର ମିଳନର ପ୍ରକୃତ ସୁଖ ଅନୁଭବ କରିପାରନ୍ତି ନାହିଁ ତଥା ପ୍ରକାଶ (Light) ଓ ଶକ୍ତି (Might) ପ୍ରାପ୍ତ କରିପାରନ୍ତି ନାହିଁ ଏବଂ ତାଙ୍କର ସଂସ୍କାର ତଥା ଜୀବନରେ ବିଶେଷ କିଛି ପରିବର୍ତ୍ତନ ଆଣିପାରନ୍ତି ନାହିଁ । ସେଥିପାଇଁ ଆମେ ଏଠାରେ ସେଇ ପରମପ୍ରିୟ ପରମପିତା ପରମାତ୍ମାଙ୍କ ସଂକ୍ଷିପ୍ତ ପରିଚୟ ଦେଉଅଛୁ, ଯାହାକି ସ୍ୱୟଂ ସେ ମାନବ କଲ୍ୟାଣାର୍ଥେ ଆମକୁ କହିଛନ୍ତି ତଥା ଅନୁଭବ କରାଇଛନ୍ତି ଏବଂ ଏବେ ମଧ୍ୟ କରାଉଛନ୍ତି ।

## ପରମପିତା ପରମାତ୍ମାଙ୍କ ଦିବ୍ୟ ନାମ ଓ ତାଙ୍କ ମହିମା

ପରମପିତା ପରମାତ୍ମାଙ୍କ ନାମ 'ଶିବ' । 'ଶିବ' ଅର୍ଥ କଲ୍ୟାଣକାରୀ । ପରମପିତା ପରମାତ୍ମା ଶିବ ହିଁ ଜ୍ଞାନର ସାଗର, ଶାନ୍ତିର ସାଗର, ଆନନ୍ଦର ସାଗର ଏବଂ ପ୍ରେମର ସାଗର ଅଟନ୍ତି । ସେ ପତିତକୁ ପାବନ କରାଇଥାନ୍ତି, ଶାନ୍ତିଧାମ ତଥା ସୁଖଧାମକୁ ରାସ୍ତା ଦେଖାଇଥାନ୍ତି, ବିକାର ତଥା କାଳର ବନ୍ଧନରୁ ମୁକ୍ତ କରାଇଥାନ୍ତି ଏବଂ ପ୍ରାଣୀମାନଙ୍କ ଉପରେ ଦୟା କରିଥାନ୍ତି । ପ୍ରତ୍ୟେକ ମନୁଷ୍ୟଙ୍କୁ ମୁକ୍ତି ଓ ଜୀବନମୁକ୍ତି ଅଥବା ଗତି ଓ ସଦ୍‌ଗତିର ବରଦାତା ଏକମାତ୍ର ସେ ହିଁ ଅଟନ୍ତି । ଦିବ୍ୟବୁଦ୍ଧି ଦାତା ଓ ଦିବ୍ୟଦୃଷ୍ଟିର ବରଦାତା ମଧ୍ୟ ଅଟନ୍ତି । ମନୁଷ୍ୟାତ୍ମାଙ୍କୁ ଜ୍ଞାନରୂପୀ ସୋମରସ ବା ଅମୃତ ପାନ କରାଇ ଅମରପଦ ପ୍ରାପ୍ତିର ବରଦାନ ଦେଉଥିବା କାରଣରୁ 'ସୋମନାଥ' ତଥା 'ଅମରନାଥ' ଇତ୍ୟାଦି ତାଙ୍କର ନାମକରଣ ହୋଇଅଛି । ସେ ଜନ୍ମ ମରଣରୁ ସଦା ମୁକ୍ତ, ସର୍ବଦା ସମାନ ସ୍ଥିତି, ସଦା ଜାଗ୍ରତ ଜ୍ୟୋତି 'ସଦାଶିବ' ଅଟନ୍ତି ।

## ପରମପିତା ପରମାତ୍ମାଙ୍କ ଦିବ୍ୟ ରୂପ


ପରମପିତା ପରମାତ୍ମାଙ୍କ ଦିବ୍ୟରୂପ ଏକ 'ଜ୍ୟୋତିର୍ବିନ୍ଦୁ' ସଦୃଶ । ଯେଉଁ ରୂପ ଅତି ସ୍ୱଚ୍ଛ, ସ୍ୱର୍ଣ୍ଣିମ ଲାଲ (Golden Red) ଓ ମନୋହାରୀ । ସେହି ଦିବ୍ୟ ଜ୍ୟୋତିର୍ମୟ ରୂପକୁ ଦିବ୍ୟଚକ୍ଷୁ ଦ୍ୱାରା ଦେଖାଯାଇପାରେ ଏବଂ ଦିବ୍ୟବୁଦ୍ଧି ଦ୍ୱାରା ଅନୁଭବ କରାଯାଇପାରେ । ପରମପିତା ପରମାତ୍ମାଙ୍କର ସେହି 'ଜ୍ୟୋତିର୍ବିନ୍ଦୁ' ରୂପର ପ୍ରତିମା ଭାରତରେ 'ଶିବଲିଙ୍ଗ' ନାମରେ ପୂଜା ପାଉଛି ଏବଂ ତାଙ୍କ ଅବତରଣର ସ୍ମୃତି ସ୍ୱରୂପ 'ମହାଶିବରାତ୍ରି' ମଧ୍ୟ ପାଳନ କରାଯାଉଛି ।

## 'ନିରାକାର'ର ଅର୍ଥ

ପ୍ରାୟ ସବୁ ଧର୍ମରେ ପରମାତ୍ମାଙ୍କୁ 'ନିରାକାର' (Incorporeal) ମାନ୍ୟତା ଦିଆଯାଇଥାଏ । କିନ୍ତୁ କେହି କେହି ଏହି ଶବ୍ଦକୁ ଏପରି ଅର୍ଥ କରିଥାନ୍ତି ଯେ ପରମାତ୍ମାଙ୍କର କୌଣସି ଆକାର (ରୂପ) ନାହିଁ । ସ୍ୱୟଂ ପରମପିତା ପରମାତ୍ମା ଶିବ କହୁଛନ୍ତି, ଏପରି ଧାରଣା ଭୁଲ୍ । ବାସ୍ତବରେ 'ନିରାକାର'ର ଅର୍ଥ ହେଉଛି, ପରମପିତା 'ସାକାର' ନୁହଁନ୍ତି ଅର୍ଥାତ୍ ମନୁଷ୍ୟମାନଙ୍କ ପରି ସ୍ଥୁଳଶରୀର ତାଙ୍କର ନାହିଁ ବା ଦେବତାମାନଙ୍କ ପରି ସୂକ୍ଷ୍ମ-ଶରୀର ନାହିଁ, ମାତ୍ର ତାଙ୍କର ରୂପ ଅଶରୀରୀ ଓ 'ଜ୍ୟୋତିର୍ବିନ୍ଦୁ' ସ୍ୱରୂପ । 'ବିନ୍ଦୁ'କୁ ତ ନିରାକାର କୁହାଯାଇପାରେ । ଅତଏବ ଏହା ଏକ ଆଶ୍ଚର୍ଯ୍ୟଜନକ କଥା ଯେ, ପରମପିତା ପରମାତ୍ମା ସୂକ୍ଷ୍ମାତିସୂକ୍ଷ୍ମ ଜ୍ୟୋତି-କଣିକା ସଦୃଶ; କିନ୍ତୁ ଆଜି ପ୍ରାୟ ସମସ୍ତେ କହୁଛନ୍ତି, ପରମାତ୍ମା ପ୍ରତିକୋଣରେ ବିଦ୍ୟମାନ ।

# ଗୋଟିଏ ଆଶ୍ଚର୍ଯ୍ୟଜନକ କଥା

## निराकार परमात्मा और उनके दिव्य गुण




INCORPOREAL GOD & HIS ATRIBUTES

# ସର୍ବ ଆତ୍ମାଙ୍କର ପିତା ପରମାତ୍ମା

## सर्व आत्माओं के पिता

## SUPREME FATHER OF ALL SOULS




प्राय:सभी धर्मों के लोग परमात्मा को निराकार अर्थात अशरीरी मानते हैं। शिवलिंग ज्योति-बिन्दु परमात्मा की ही यादगार भारत के कोने-कोने में तथा भिन्न-भिन्न देशों में पाई जाती है। परमात्मा शिव ही हम सर्व आत्माओं के परमपिता,परमशिक्षक एवं परमसदगुरू हैं। अत:निराकार ज्योति-बिन्दु स्वरुप परमपिता परमात्मा शिव को याद करने से ही हम पापों से मुक्त हो सकते हैं।

# ସର୍ବ ଆତ୍ମାଙ୍କର ପିତା ପରମାତ୍ମା

ପ୍ରାୟ ସମସ୍ତେ ଏହି କଥା କହିଥାନ୍ତି - 'ହିନ୍ଦୁ, ମୁସଲମାନ, ଶିଖ୍, ଇସାଇ ପରସ୍ପର ସମସ୍ତେ ଭାଇ ଭାଇ'; କିନ୍ତୁ ପରସ୍ପର କିପରି ଭାଇ ଭାଇ ? ଆଉ ଯଦି ଭାଇ ଭାଇ ତେବେ ସେମାନଙ୍କର ପିତା କିଏ ? ଏହା ସେମାନେ ଜାଣନ୍ତି ନାହିଁ । ଦୈହିକ ଦୃଷ୍ଟିରେ ତ ଭାଇ ଭାଇ ହୋଇପାରିବେ ନାହିଁ, କାହିଁକି ନା ସମସ୍ତଙ୍କର ମାତା-ପିତା ଅଲଗା ଅଲଗା । ଆତ୍ମିକ ଦୃଷ୍ଟିକୋଣରୁ ସମସ୍ତେ ଏକ ପରମପିତା ପରମାତ୍ମାଙ୍କର ସନ୍ତାନ ହେତୁ ଭାଇ ଭାଇ ଅଟନ୍ତି । ଏଠାରେ ସମସ୍ତ ଆତ୍ମାଙ୍କର ପିତା ଏକ ପରମାତ୍ମାଙ୍କର ପରିଚୟ ଦିଆଯାଇଛି । ଏହି ସ୍ମୃତିରେ ସ୍ଥିତ ହେଲେ ରାଷ୍ଟ୍ରୀୟ ଏକତା ହୋଇପାରିବ ।

ସବୁ ଧର୍ମର ଲୋକମାନେ କହିଥାନ୍ତି ଯେ ପରମାତ୍ମା ଏକ ଅଟନ୍ତି ଏବଂ ସମସ୍ତଙ୍କର ସେ ପିତା । ସବୁ ମନୁଷ୍ୟ ପରସ୍ପର ଭାଇ ଭାଇ ଅଟନ୍ତି । କିନ୍ତୁ ପ୍ରଶ୍ନ ଉଠିଥାଏ, ସେହି ଏକ ପାରଲୌକିକ ପିତା କିଏ ? ଯାହାକୁ ସମସ୍ତେ ମାନିଥାନ୍ତି । ଦେଖାଯାଇଥାଏ, ପ୍ରତ୍ୟେକ ଧର୍ମର ଧର୍ମସ୍ଥାପକ ଭିନ୍ନ ଭିନ୍ନ, କିନ୍ତୁ ପ୍ରତ୍ୟେକ ଧର୍ମରେ ନିରାକାର, ଜ୍ୟୋତିସ୍ୱରୂପ ପରମାତ୍ମା ଶିବଙ୍କର ପ୍ରତିମା (ଶିବଲିଙ୍ଗ)କୁ କୌଣସି ନା କୌଣସି ପ୍ରକାରେ ମାନ୍ୟତା ଦିଆଯାଇଛି । ଭାରତବର୍ଷର ଅନେକ ସ୍ଥାନରେ ପରମପିତା ପରମାତ୍ମା ଶିବଙ୍କର ମନ୍ଦିର ରହିଛି । ଶିବଙ୍କ ମନ୍ଦିରରେ ଭକ୍ତଜନ 'ଓଁ ନମଃ ଶିବାୟ' ତଥା ତୁମେ 'ମାତା-ପିତା' କହି ପୂଜାର୍ଚ୍ଚନା କରିଥାନ୍ତି ଏବଂ ଶିବଙ୍କୁ ଶ୍ରୀକୃଷ୍ଣ, ଶ୍ରୀରାମ ଆଦି ଦେବଙ୍କର ଦେବ ଅର୍ଥାତ୍ ପରମପୂଜ୍ୟ ବୋଲି ମାନିଥାନ୍ତି । ଭାରତ ବାହାରେ ଅନ୍ୟ ଧର୍ମର ଲୋକେ ମଧ୍ୟ ଅନୁରୂପ ମାନ୍ୟତା ଦେଇଥାନ୍ତି । ସଂଲଗ୍ନ ଚିତ୍ରରେ ଦେଖାଇ ଦିଆଯାଇଛି, ଶିବଙ୍କର ସ୍ମୃତିଚିହ୍ନ ସବୁ ଧର୍ମରେ ବିଦ୍ୟମାନ ।

ଅମରନାଥ, ବିଶ୍ୱନାଥ, ସୋମନାଥ ଓ ପଶୁପତିନାଥ ଇତ୍ୟାଦି ମନ୍ଦିରରେ ଶିବଙ୍କର ସ୍ମୃତିଚିହ୍ନ ଅଛି । 'ଗୋପେଶ୍ୱର' ତଥା 'ରାମେଶ୍ୱର' ମନ୍ଦିରରୁ ସ୍ପଷ୍ଟ ଜଣାପଡେ, 'ଶିବ' ଶ୍ରୀକୃଷ୍ଣ ତଥା ଶ୍ରୀରାମଙ୍କର ମଧ୍ୟ ପୂଜ୍ୟ ଅଟନ୍ତି । ରାଜା ବିକ୍ରମାଦିତ୍ୟ ମଧ୍ୟ ଶିବଙ୍କର ପୂଜା କରିଥିଲେ । ମୁସଲମାନଙ୍କର ମୁଖ୍ୟ ତୀର୍ଥ ମକ୍କାରେ ମଧ୍ୟ ଏହିଭଳି ଆକୃତିର ଏକ ପଥର ଅଛି, ଯାହାକୁ ମୁସଲମାନ ଯାତ୍ରୀ ପ୍ରେମପୂର୍ଣ୍ଣ ଓ ସମ୍ମାନର ସହିତ ଚୁମ୍ବନ ଦିଅନ୍ତି । ତାହାକୁ 'ସଙ୍ଗ-ଏ-ଅସ୍ୱଦ୍' କହିଥାନ୍ତି ଏବଂ ଇବ୍ରାହିମ୍ ଓ ମହମ୍ମଦଙ୍କ ଦ୍ୱାରା ତା'ର ସ୍ଥାପନା ହୋଇଛି ବୋଲି ମାନିଥାନ୍ତି । କିନ୍ତୁ ସେମାନେ ଜାଣନ୍ତି ନାହିଁ, ତାଙ୍କ ଧର୍ମରେ ପ୍ରତିମା ପୂଜାର ପ୍ରଚଳନ ନଥିଲେ ମଧ୍ୟ ଏପରି ଆକୃତିର ପଥର କାହିଁକି ସ୍ଥାପନା କରାଯାଇଛି ଏବଂ ଏହାକୁ ଚୁମ୍ବନ ଦେବାର ପ୍ରଥା କାହିଁକି ପ୍ରଚଳିତ ଅଛି ? ଇଟାଲୀରେ କେତେକ ରୋମାନ୍ କ୍ୟାଥଲିକ୍ ଇସାଇ ମଧ୍ୟ ଏହି ଆକୃତିର ପଥରକୁ ନିଜର ପ୍ରଥା ଅନୁଯାୟୀ ପୂଜା କରିଥାନ୍ତି । ଇସାଇମାନଙ୍କର ଧର୍ମସ୍ଥାପକ 'ଇସା' ତଥା ଶିଖ୍‌ମାନଙ୍କର ଧର୍ମସ୍ଥାପକ 'ନାନକ' ମଧ୍ୟ ପରମାତ୍ମାଙ୍କୁ ଏକ ଜ୍ୟୋତି (Kindly Light) ଓ ନିରାକାର ମାନିଥାନ୍ତି । ଇହୁଦୀମାନେ ପରମାତ୍ମାଙ୍କୁ ଜେହୋଭା (Jehovah) ନାମରେ ଡାକିଥାନ୍ତି, ଯେଉଁ ନାମ ଶିବ (Shiva) ଶବ୍ଦର ରୂପାନ୍ତର ପରି ଜଣାପଡେ । ଜାପାନରେ ମଧ୍ୟ ବୌଦ୍ଧଧର୍ମର କେତେକ ମତାବଲମ୍ବୀ ଏହି ଆକୃତିର ଏକ ପ୍ରତିମା ନିଜ ସମ୍ମୁଖରେ ରଖି ତା'ଉପରେ ନିଜର ମନ ଏକାଗ୍ର କରିଥାନ୍ତି ।

ଏହିପରି ସମୟାନ୍ତରରେ ସବୁ ଧର୍ମର ଲୋକେ ଅସଲକଥା ଭୁଲିଗଲେ ଯେ ଶିବଲିଙ୍ଗ ସବୁ ମନୁଷ୍ୟାତ୍ମାଙ୍କର ପରମପିତାଙ୍କ ସ୍ମୃତିଚିହ୍ନ ଅଟେ । ଯଦି ମୁସଲମାନମାନେ ଏହିକଥା ଜାଣିଥାନ୍ତେ, ତେବେ ସେମାନେ ସୋମନାଥ ମନ୍ଦିରକୁ କେବେହେଲେ ଲୁଣ୍ଠନ କରିନଥାନ୍ତେ, ବରଂ ମୁସଲମାନ, ଇସାଇ ପ୍ରମୁଖ ସମସ୍ତ ଧର୍ମାବଲମ୍ବୀ ଭାରତକୁ ପରମପିତା ପରମାତ୍ମାଙ୍କର ଅବତାର ଭୂମି ମାନି ଏହାକୁ ନିଜର ସବୁଠାରୁ ମୁଖ୍ୟ ତୀର୍ଥ ମାନିଥାନ୍ତେ ଏବଂ ଏହିପରି ସଂସାରର ଇତିହାସ କିଛି ଅଲଗା ପ୍ରକାର ହୋଇଥାନ୍ତା କିନ୍ତୁ ଏକ ପିତାଙ୍କୁ ଭୁଲିଯିବା କାରଣରୁ ସଂସାରରେ ଲଢ଼ାଇ-ଝଗଡା, ଦୁଃଖ, କ୍ଳେଶ ବ୍ୟାପିଗଲା । ସମସ୍ତେ ଅନାଥ ଓ କାଙ୍ଗାଳ ହୋଇଗଲେ ।

# ପରମାତ୍ମା ଓ ତାଙ୍କର ଦିବ୍ୟ କର୍ତ୍ତବ୍ୟ

ପରମପିତା ପରମାତ୍ମା ଜ୍ୟୋତିର୍ବିନ୍ଦୁ ଶିବ କଳିଯୁଗ ଶେଷରେ ଧର୍ମଗ୍ଲାନି ଅଥବା ଅଜ୍ଞାନ ଅନ୍ଧକାର ସମୟରେ ଶିବ ସୃଷ୍ଟିର କଲ୍ୟାଣ କରିବା ନିମିତ୍ତ ସର୍ବପ୍ରଥମେ ବ୍ରହ୍ମା, ବିଷ୍ଣୁ, ଶଙ୍କର ତିନି ସୂକ୍ଷ୍ମ ଦେବତାଙ୍କୁ ରଚନା କରନ୍ତି । ସେଥିପାଇଁ ଶିବଙ୍କୁ 'ତ୍ରିମୂର୍ତ୍ତି' କୁହାଯାଇଥାଏ । ତ୍ରିଦେବଙ୍କୁ ରଚନା କରିବା ପରେ ସେ ନିଜେ ଏହି ମନୁଷ୍ୟଲୋକରେ ଏକ ସାଧାରଣ ବୃଦ୍ଧ ଭକ୍ତଙ୍କ ଶରୀରରେ ଅବତରିତ ହୋଇଥା'ନ୍ତି ଯାହାଙ୍କ ନାମ ରଖନ୍ତି 'ପ୍ରଜାପିତା ବ୍ରହ୍ମା' । ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ସ୍ୱୟଂ ପରମାତ୍ମା ଶିବ ମନୁଷ୍ୟ ଆତ୍ମାମାନଙ୍କୁ ପିତା, ଶିକ୍ଷକ ତଥା ସଦ୍‌ଗୁରୁ ରୂପରେ ମିଳିଥାନ୍ତି ଏବଂ ସହଜ ଗୀତାଜ୍ଞାନ ଓ ରାଜଯୋଗ ଶିକ୍ଷା ଦେଇ ସେମାନଙ୍କର ସଦ୍‌ଗତି କରାଇଥାନ୍ତି ଅର୍ଥାତ୍ ଜୀବନମୁକ୍ତି ଦେଇଥାନ୍ତି ।

### ଶଙ୍କରଙ୍କ ଦ୍ୱାରା କଳିଯୁଗ ସୃଷ୍ଟିର ମହାବିନାଶ

କଳିଯୁଗ ଶେଷରେ ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ପରମପିତା ପରମାତ୍ମା ଶିବ ସତ୍ୟଯୁଗ ଦୈବୀ ସୃଷ୍ଟିର ସ୍ଥାପନା ସହ କଳିଯୁଗ ଆସୁରୀ ସୃଷ୍ଟିର ମହାବିନାଶର ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି । ପରମାତ୍ମା ଶିବ, ଶଙ୍କରଙ୍କ ଦ୍ୱାରା ବିଜ୍ଞାନ-ଗର୍ବିତ (Science Proud) ତଥା ବିପରୀତ ବୁଦ୍ଧି ସମ୍ପନ୍ନ ଆମେରିକୀୟ ଓ ୟୁରୋପବାସୀ (ଯାଦବ)ଙ୍କୁ ପ୍ରେରଣା ଦେଇ ସେମାନଙ୍କ ଦ୍ୱାରା ଆଟମ୍ ବମ୍ ଓ ହାଇଡ୍ରୋଜେନ୍ ବମ୍ ଓ ମିସାଇଲ୍ସ (Missiles) ତିଆରି କରାନ୍ତି, ଯାହାକୁ ମହାଭାରତରେ 'ମୂଷଳ' ତଥା 'ବ୍ରହ୍ମାସ୍ତ୍ର' କୁହାଯାଇଛି । ଅନ୍ୟ ଦିଗରେ ଭାରତର ଦେହାଭିମାନୀ ଧର୍ମଭ୍ରଷ୍ଟ ବିପରୀତ ବୁଦ୍ଧି ମନୁଷ୍ୟମାନଙ୍କୁ (ଯାହାକୁ ମହାଭାରତ ଭାଷାରେ 'କୌରବ' କୁହାଯାଇଛି) ଗୃହଯୁଦ୍ଧ ପାଇଁ ପ୍ରେରଣା ଦେଇଥାନ୍ତି ।


### ବିଷ୍ଣୁଙ୍କ ଦ୍ୱାରା ପାଳନା

ବିଷ୍ଣୁଙ୍କର ଚାରିଭୁଜରୁ ଦୁଇ ଭୁଜ ନାରାୟଣ ଆଉ ଦୁଇ ଭୁଜ ଲକ୍ଷ୍ମୀଙ୍କର ପ୍ରତୀକ । 'ଶଙ୍ଖ' ପବିତ୍ର ବାଣୀ ଅଥବା ଜ୍ଞାନ ଉଚ୍ଚାରଣର ନିଦର୍ଶନ ପ୍ରତୀକ । 'ସ୍ୱ-ଦର୍ଶନଚକ୍ର' ଆତ୍ମା (ସ୍ୱ)ର ତଥା ସୃଷ୍ଟିଚକ୍ର ଜ୍ଞାନର ଦୃଷ୍ଟାନ୍ତ ଅଟେ । 'କମଳପୁଷ୍ପ' ସଂସାରରେ ରହି ମଧ୍ୟ ଅଲିପ୍ତ ତଥା ପବିତ୍ର ରହିବାର ସଂକେତ ଏବଂ 'ଗଦା' ମାୟା ଉପରେ ଅର୍ଥାତ୍ ପଞ୍ଚବିକାର ଉପରେ ବିଜୟ ଲାଭ କରିବାର ଚିହ୍ନ । ଏଣୁ ବିଷ୍ଣୁ ଚତୁର୍ଭୁଜଙ୍କୁ ମନୁଷ୍ୟାତ୍ମାଙ୍କ ସମ୍ମୁଖରେ ଲକ୍ଷ୍ୟ ରୂପେ ରଖି ପରମପିତା ପରମାତ୍ମା ଶିବ ବୁଝାଉଛନ୍ତି ଯେ ତାଙ୍କର ଅଳଙ୍କାରଗୁଡିକୁ ଧାରଣ କଲେ ଅର୍ଥାତ୍ ଏହାର ବିଶେଷତ୍ୱକୁ ନିଜ ଜୀବନରେ ଧାରଣ କରି, ନର 'ଶ୍ରୀନାରାୟଣ', ନାରୀ 'ଶ୍ରୀଲକ୍ଷ୍ମୀ' ପଦ ପ୍ରାପ୍ତ କରିପାରିବ ଅର୍ଥାତ୍ ଦ୍ୱି-ମୁକୁଟମଣ୍ଡିତ ଦେବୀ ଦେବତା ପଦ ପ୍ରାପ୍ତ କରିପାରିବ । ଏହି ଦୁଇଟି ମୁକୁଟ ମଧ୍ୟରୁ ଗୋଟିଏ ହେଲା ପ୍ରକାଶମୟ ଅର୍ଥାତ୍ ପ୍ରଭାମଣ୍ଡଳ (Crown of Light) ଯାହା ପବିତ୍ର ଓ ଶାନ୍ତିର ପ୍ରତୀକ ଏବଂ ଅନ୍ୟଟି ରତ୍ନଖଚିତ ସୁବର୍ଣ୍ଣ ମୁକୁଟ, ଯାହା ସୁଖ, ସମ୍ପତ୍ତି ଅଥବା ଭାଗ୍ୟପ୍ରାପ୍ତିର ସୂଚକ ।

ଏହିପ୍ରକାର ପରମପିତା ପରମାତ୍ମା ଶିବ ସତ୍ୟଯୁଗ, ତ୍ରେତୟାଯୁଗ ଦୈବୀସୃଷ୍ଟି (ସ୍ୱର୍ଗ) ପାଳନ କରାଇବାର ସଂସ୍କାର ଧାରଣ କରାଇଥାନ୍ତି । ଯାହାର ଫଳସ୍ୱରୂପ ସତ୍ୟଯୁଗରେ ଶ୍ରୀନାରାୟଣ ତଥା ଶ୍ରୀଲକ୍ଷ୍ମୀ (ଯିଏ ପୂର୍ବଜନ୍ମରେ ପ୍ରଜାପିତା ବ୍ରହ୍ମା ଓ ସରସ୍ୱତୀ ଥିଲେ) ତଥା ସୂର୍ଯ୍ୟବଂଶର ଅନ୍ୟ ରାଜାମାନେ ପ୍ରଜାପାଳନର କାର୍ଯ୍ୟ କରିଥାନ୍ତି ଏବଂ ତ୍ରେତୟାଯୁଗରେ ଶ୍ରୀସୀତା ଓ ଶ୍ରୀରାମ ତଥା ଅନ୍ୟ ଚନ୍ଦ୍ରବଂଶୀ ରାଜାମାନେ ରାଜ୍ୟ କରିଥାନ୍ତି ।


ସ୍ମରଣ ରଖିବା ଉଚିତ, ବର୍ତ୍ତମାନ ପରମପିତା ପରମାତ୍ମା ଶିବ ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ତଥା ତ୍ରିଦେବଙ୍କ ଦ୍ୱାରା ଉପର୍ଯ୍ୟୁକ୍ତ ତିନିଟି କର୍ତ୍ତବ୍ୟ କରାଉଛନ୍ତି । ତେଣୁ ଆମର କର୍ତ୍ତବ୍ୟ ହେଉଛି, ପରମପିତା ପରମାତ୍ମା ଶିବ ତଥା ପ୍ରଜାପିତା ବ୍ରହ୍ମାଙ୍କ ସହିତ ନିଜର ଆତ୍ମିକ ସମ୍ବନ୍ଧ ସ୍ଥାପନ କରି, ପବିତ୍ର ହେବାର ପୁରୁଷାର୍ଥ କରି ପ୍ରକୃତ ବୈଷ୍ଣବ (ବିଷ୍ଣୁକୁଳର) ହେବା ତଥା ମୁକ୍ତି ଆଉ ଜୀବନମୁକ୍ତିରୂପୀ ଈଶ୍ୱରୀୟ ଜନ୍ମସିଦ୍ଧ ଅଧିକାର ପ୍ରାପ୍ତି ପାଇଁ ସମ୍ପୂର୍ଣ୍ଣ ପୁରୁଷାର୍ଥ କରିବା ଉଚିତ ।

# ପରମାତ୍ମା ଓ ତାଙ୍କର ଦିବ୍ୟ କର୍ତ୍ତବ୍ୟ



# ପରମାତ୍ମାଙ୍କ ଦିବ୍ୟ ଅବତରଣ

## शिवरात्रि-परमात्मा का दिव्य अवतरण
## Shivaratri-Divine Birth on Earth of God's



# ପରମାତ୍ମାଙ୍କ ଦିବ୍ୟ ଅବତରଣ

'ଶିବ' ଅର୍ଥ 'କଲ୍ୟାଣକାରୀ ।' ପରମାତ୍ମାଙ୍କ ପ୍ରତି ଏହି ନାମ ପ୍ରଯୁଜ୍ୟ, କାରଣ ସେ ଧର୍ମଗ୍ଲାନି ସମୟରେ ଅର୍ଥାତ୍ ଯେତେବେଳେ ମନୁଷ୍ୟାତ୍ମାମାନେ ମାୟାର ବଶୀଭୂତ ହୋଇ ଦୁଃଖୀ, ଅଶାନ୍ତ, ପତିତ ଓ ଭ୍ରଷ୍ଟାଚାରୀ ହୋଇଯା'ନ୍ତି ସେତିକିବେଳେ ସେମାନଙ୍କୁ ପୁଣି ପାବନ ତଥା ସମ୍ପୂର୍ଣ୍ଣ ସୁଖୀ କରାଇବାର କଲ୍ୟାଣକାରୀ କର୍ତ୍ତବ୍ୟ ସ୍ୱୟଂ ପରମାତ୍ମା କରିଥା'ନ୍ତି । ଏହି ଧର୍ମଭ୍ରଷ୍ଟ, କର୍ମଭ୍ରଷ୍ଟ ସଂସାରକୁ ଉଦ୍ଧାର କରିବା ପାଇଁ ସେ ବ୍ରହ୍ମଲୋକରୁ ଆସି ଗୋଟିଏ ମନୁଷ୍ୟ ଶରୀରର ଆଧାର ନେଇଥା'ନ୍ତି । ପରମାତ୍ମା ଶିବଙ୍କର ଏହି ଦିବ୍ୟ ଅବତରଣ ଅଥବା ଅଲୌକିକ ଜନ୍ମର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ 'ଶିବରାତ୍ରି' ବା 'ଶିବଜୟନ୍ତୀ' ପାଳନ କରାଯାଇଥାଏ ।

ପରମାତ୍ମା ଶିବ ଯେଉଁ ସାଧାରଣ ବୃଦ୍ଧ ଶରୀରରେ ଅବତରିତ ହୁଅନ୍ତି, ସେହି ଆତ୍ମାର ମୌଳିକତାକୁ ପରିବର୍ତ୍ତନ କରାଇ 'ପ୍ରଜାପିତା ବ୍ରହ୍ମା' ନାମ ଦେଇଥା'ନ୍ତି । ଏହାର ସ୍ମୃତିସ୍ୱରୂପ ଶିବଙ୍କ ପ୍ରତିମା ଆଗରେ ତାଙ୍କର ବାହନ ବୃଷଭ ରଖାଯାଇଛି । ବ୍ରହ୍ମାଙ୍କ ଶରୀରରେ ପ୍ରବେଶ ହିଁ ତାଙ୍କର ଦିବ୍ୟ ଜନ୍ମ ଅଥବା ଅବତରଣ । ପରମାତ୍ମା ସମସ୍ତ ଆତ୍ମାଙ୍କର ମାତାପିତା ଅଟନ୍ତି, କାରଣ ସେ କୌଣସି ମାତୃଗର୍ଭରୁ ଜନ୍ମ ନେଇ ନଥା'ନ୍ତି ।

## ଅଜନ୍ମା ପରମାତ୍ମା ଶିବଙ୍କ ଦିବ୍ୟ-ଜନ୍ମ ଭିନ୍ନ ପ୍ରକାରର

ପରମାତ୍ମା ମନୁଷ୍ୟ ସୃଷ୍ଟିର ଚୈତନ୍ୟ ବୀଜରୂପ ଏବଂ ଜନ୍ମ-ମରଣ ରହିତ ତଥା କର୍ମବନ୍ଧନରୁ ମୁକ୍ତ ଅଟନ୍ତି । ତେଣୁ ସେ ଏକ ସାଧାରଣ ବୃଦ୍ଧ ମାନବ ଶରୀରରେ ପ୍ରବେଶ କରନ୍ତି । ଏହାକୁ ହିଁ ପରମାତ୍ମା ଶିବଙ୍କର 'ଦିବ୍ୟ ଜନ୍ମ' ଅଥବା 'ଅବତରଣ' କୁହାଯାଇଥାଏ, କାହିଁକି ନା ଯେଉଁ ଶରୀରରେ ସେ ପ୍ରବେଶ କରିଥା'ନ୍ତି, ତାହା କର୍ମବନ୍ଧନ ତଥା ଜନ୍ମ-ମରଣଚକ୍ରରେ ଆସିଥିବା ଏକ ମନୁଷ୍ୟ ଆତ୍ମାର ଶରୀର । ତାହା ପରମାତ୍ମାଙ୍କର ନିଜ ଶରୀର ନୁହେଁ । ପାର୍ଶ୍ୱସ୍ଥ ଚିତ୍ରରେ ଦେଖାଇ ଦିଆଯାଇଛି, ଯେତେବେଳେ ସାରା ସୃଷ୍ଟି ମାୟା (ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର ଆଦି ପଞ୍ଚବିକାର)ର କରଗତ ହୋଇଯାଏ ସେତିକିବେଳେ ପରମପିତା ପରମାତ୍ମା ଶିବ ଧରାଧାମରେ ଦିବ୍ୟ ଅବତରଣ କରିଥା'ନ୍ତି, ଯିଏ କି ଆବାଗମନ ଚକ୍ରରୁ ମୁକ୍ତ ଅଟନ୍ତି । ମନୁଷ୍ୟାତ୍ମାମାନଙ୍କୁ ସୁଖ ଓ ଶାନ୍ତିର ବରଦାନ ଦେଇ ମାୟା କବଳରୁ ମୁକ୍ତ କରାଇଥା'ନ୍ତି । ସ୍ୱୟଂ ପରମାତ୍ମା ହିଁ ସହଜ ଜ୍ଞାନ ଓ ରାଜଯୋଗ ଶିକ୍ଷା ଦେଇଥା'ନ୍ତି ତଥା ସମସ୍ତଙ୍କୁ ପରମଧାମକୁ ନେଇ ଯାଇଥା'ନ୍ତି ଏବଂ ମୁକ୍ତି ଓ ଜୀବନମୁକ୍ତିର ବରଦାନ ଦେଇଥା'ନ୍ତି ।

ଶିବରାତ୍ରି ଫାଲ୍‌ଗୁନ ମାସ ଅର୍ଥାତ୍ ବିକ୍ରମ ସଂବତ୍‌ର ଶେଷ ମାସରେ ପଡିଥାଏ । ସେତେବେଳେ କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ଘୋର ଅନ୍ଧକାରମୟ ହୋଇଥାଏ । ତା'ପରେ ଶୁକ୍ଳପକ୍ଷ ଆରମ୍ଭ ହୋଇଥାଏ ଏବଂ କିଛିଦିନ ପରେ ନୂଆ ସଂବତ୍ ଆରମ୍ଭ ହୁଏ । ଏଣୁ ରାତ୍ରି ପରି ଫାଲ୍‌ଗୁନମାସର କୃଷ୍ଣ ଚତୁର୍ଦ୍ଦଶୀ ମଧ୍ୟ ଆତ୍ମାମାନଙ୍କର ଅଜ୍ଞାନ ଅନ୍ଧକାର, ବିକାର ଅଥବା ଆସୁରୀ ଲକ୍ଷଣର ପରାକାଷ୍ଠା ଅନ୍ତିମ ଚରଣର ବୋଧକ ଅଟେ । ଏହାପରେ ଆତ୍ମାମାନଙ୍କର ଶୁକ୍ଳପକ୍ଷ ଅର୍ଥାତ୍ ନୂଆ କଳ୍ପ ଆରମ୍ଭ ହୋଇଥାଏ, ଅର୍ଥାତ୍ ଅଜ୍ଞାନ ଓ ଦୁଃଖର ସମୟ ସମାପ୍ତ ହୋଇ ପବିତ୍ର ତଥା ସୁଖର ସମୟ ଆରମ୍ଭ ହୋଇଥାଏ ।

ପରମାତ୍ମା ଶିବ ସ୍ୱୟଂ ଅବତରଣ କରି ଜ୍ଞାନ, ଯୋଗ ତଥା ପବିତ୍ରତା ଦ୍ୱାରା ଆତ୍ମାମାନଙ୍କଠାରେ ଆଧ୍ୟାତ୍ମିକ ଜାଗୃତି ଆନୟନ କରିଥା'ନ୍ତି । ଏହି ମହତ୍ୱର ଫଳସ୍ୱରୂପ ଭକ୍ତମାନେ ଶିବରାତ୍ରିରେ ଉଜାଗର ରହି ରାତ୍ରିଯାପନ କରିଥା'ନ୍ତି । ଏହିଦିନ ମନୁଷ୍ୟ ବ୍ରତ, ଉପବାସ କରିଥା'ନ୍ତି । ଉପବାସ (ଉପ-ନିକଟ, ବାସ- ରହିବା)ର ବାସ୍ତବିକ ଅର୍ଥ ହେଲା ପରମାତ୍ମାଙ୍କ ସମୀପରେ ବୁଦ୍ଧିକୁ ରଖିବା । ଏଥିପାଇଁ ପବିତ୍ରତା ବ୍ରତର ପାଳନ କରିବା ଉଚିତ ।

# ଶିବ ଓ ଶଙ୍କର ମଧ୍ୟରେ ପାର୍ଥକ୍ୟ

ଅନେକେ ଶିବ ଓ ଶଙ୍କରଙ୍କୁ ଏକ ବୋଲି ମାନିଥା'ନ୍ତି; କିନ୍ତୁ ବାସ୍ତବରେ ଏ ଦୁହିଁଙ୍କ ଭିତରେ ପାର୍ଥକ୍ୟ ରହିଛି । କାରଣ ଦୁହିଁଙ୍କର ପ୍ରତିମା ଭିନ୍ନ ଭିନ୍ନ ଆକୃତିର ଦେଖିବାକୁ ମିଳିଥାଏ । ଶିବଙ୍କର ପ୍ରତିମା ଅଣ୍ଡାକାର ବା ଅଙ୍ଗୁଷ୍ଠାକାର ହୋଇଥାଏ ଆଉ ମହାଦେବ ଶଙ୍କରଙ୍କର ପ୍ରତିମା ଶରୀରାକୃତି । ସେ ଦୁହିଁଙ୍କ ପରିଚୟ ଅଲଗା ଅଲଗା ପରମପିତା ପରମାତ୍ମା ଶିବ ସ୍ୱୟଂ ଆମକୁ ଯେପରି ବୁଝାଇଛନ୍ତି ତଥା ଅନୁଭବ କରାଇଛନ୍ତି ତାହା ନିମ୍ନରେ ସ୍ପଷ୍ଟ କରାଯାଇଛି ।

## ମହାଦେବ ଶଙ୍କର

୧. ଶଙ୍କର, ବ୍ରହ୍ମା ଆଉ ବିଷ୍ଣୁଙ୍କ ଭଳି ସୂକ୍ଷ୍ମ ଶରୀରଧାରୀ ଅଟନ୍ତି । ଏହାଙ୍କୁ ମହାଦେବ କୁହାଯାଇଥାଏ । ମାତ୍ର ପରମାତ୍ମା କୁହାଯାଇନଥାଏ ।

୨. ବ୍ରହ୍ମା ଦେବତା ଓ ବିଷ୍ଣୁ ଦେବତାଙ୍କ ପରି ଶଙ୍କର ସୂକ୍ଷ୍ମଲୋକର ଶଙ୍କରପୁରୀରେ ବାସ କରନ୍ତି ।

୩. ବ୍ରହ୍ମା ଦେବତା ଓ ବିଷ୍ଣୁ ଦେବତାଙ୍କ ଭଳି ଶଙ୍କର ମଧ ପରମାତ୍ମା ଶିବଙ୍କର ରଚନା ଅଟନ୍ତି ।

୪. ଶଙ୍କର କେବଳ ମହାବିନାଶର କାର୍ଯ୍ୟ କରାଇଥା'ନ୍ତି, ମାତ୍ର ସ୍ଥାପନା ଓ ପାଳନାର କର୍ତ୍ତବ୍ୟ କରାଇନଥା'ନ୍ତି ।

## ପରମପିତା ପରମାତ୍ମା ଶିବ

୧. ଶିବ ଚୈତନ୍ୟ ଜ୍ୟୋତିର୍ବିନ୍ଦୁ ଓ ତାଙ୍କର ନିଜର କୌଣସି ସ୍ଥୁଳ ବା ସୂକ୍ଷ୍ମ ଶରୀର ନାହିଁ । ସେ ପରମାତ୍ମା ଅଟନ୍ତି ।

୨. ପରମାତ୍ମା ଶିବ ସୂକ୍ଷ୍ମ ଦେବଲୋକର ଊର୍ଦ୍ଧ୍ୱରେ ବ୍ରହ୍ମଲୋକ (ମୁକ୍ତିଧାମ)ରେ ବାସ କରନ୍ତି ।

୩. ପରମାତ୍ମା ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ତିନି ଦେବତାଙ୍କର ରଚୟିତା ଅର୍ଥାତ୍ ତ୍ରିମୂର୍ତ୍ତି ଶିବ ଅଟନ୍ତି ।

୪. ସେ ବ୍ରହ୍ମାଙ୍କଦ୍ୱାରା ସ୍ଥାପନା, ଶଙ୍କରଙ୍କ ଦ୍ୱାରା ମହାବିନାଶ ଓ ବିଷ୍ଣୁଙ୍କ ଦ୍ୱାରା ସୃଷ୍ଟିର ପାଳନା କରାଇ ବିଶ୍ୱର କଲ୍ୟାଣ କରିଥା'ନ୍ତି ।

## ଶିବଙ୍କର ଜନ୍ମୋତ୍ସବ ରାତ୍ରିରେ କାହିଁକି ?

'ରାତ୍ରି' ବାସ୍ତବରେ ଅଜ୍ଞାନ, ତମୋଗୁଣ ଅଥବା ପାପାଚାରର ଚିହ୍ନ । ଏଣୁ ଦ୍ୱାପରଯୁଗ ଓ କଳିଯୁଗକୁ 'ରାତ୍ରି' କୁହାଯାଇଥାଏ । କଳିଯୁଗ ଶେଷ ଆଡକୁ ଯେତେବେଳେ ସାଧୁ ସନ୍ନ୍ୟାସୀଙ୍କଠାରୁ ସାଧାରଣ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତେ ପତିତ ଓ ଦୁଃଖୀ ହୋଇଯାଇଥା'ନ୍ତି ଏବଂ ଅଜ୍ଞାନ ନିଦ୍ରାରେ ଶୋଇ ପଡିଥା'ନ୍ତି, ଧର୍ମର ଗ୍ଲାନି ହୋଇଥାଏ ତଥା ବିଷୟ ବିକାରର ଆଧିକ୍ୟ ହେତୁ ଭାରତ ବେଶ୍ୟାଳୟ ସଦୃଶ ହୋଇଯାଇଥାଏ, ଠିକ୍ ସେହି ସମୟରେ ପତିତପାବନ ପରମପିତା ପରମାତ୍ମା 'ଶିବ' ଏହି ସୃଷ୍ଟିରେ ଦିବ୍ୟ ଅବତରଣ ହୋଇଥା'ନ୍ତି । ଏଥିପାଇଁ ଅନ୍ୟ ସମସ୍ତଙ୍କର ଜନ୍ମୋତ୍ସବ 'ଜନ୍ମଦିନ' ରୂପେ ପାଳିତ ହୁଏ । କିନ୍ତୁ ପରମାତ୍ମା ଶିବଙ୍କ ଜନ୍ମୋତ୍ସବକୁ 'ଶିବରାତ୍ରି' (Birth-night) କୁହାଯାଇଥାଏ । ଏଠାର ଚିତ୍ରରେ ଯେଉଁ ଅନ୍ଧକାର ଦୃଶ୍ୟ ଦେଖାଇ ଦିଆଯାଇଛି, ତାହା ଅଜ୍ଞାନ ଅନ୍ଧକାର ଅଥବା ବିକାରରୂପୀ ରାତ୍ରିର ସୂଚକ ।

## ଜ୍ଞାନ-ସୂର୍ଯ୍ୟ ଶିବଙ୍କ ଆବିର୍ଭାବରେ ସୃଷ୍ଟିର ଅଜ୍ଞାନ ଅନ୍ଧକାର ବିନାଶ

ଏହି ପ୍ରକାରରେ ଜ୍ଞାନ-ସୂର୍ଯ୍ୟ ପରମପିତା ପରମାତ୍ମା 'ଶିବ' ଅବତରିତ ହୋଇ ଜ୍ଞାନ-ପ୍ରକାଶ ଦିଅନ୍ତି, ତେଣୁ ସାରା ବିଶ୍ୱରେ ଜ୍ଞାନାଲୋକ ବିଚ୍ଛୁରିତ ହୁଏ । କଳିଯୁଗ ଓ ତମୋଗୁଣ ବଦଳରେ ସଂସାରରେ ସତ୍ୟଯୁଗ ଓ ସତ୍ତ୍ୱଗୁଣର ସ୍ଥାପନା ହୋଇ ଅଜ୍ଞାନ ଅନ୍ଧକାର ତଥା ବିକାରର ବିନାଶ ହୋଇଥାଏ । ସାରାକଳ୍ପରେ କେବଳ ପରମପିତା ପରମାତ୍ମା ଶିବଙ୍କର ଅଲୌକିକ ଜନ୍ମ ଦ୍ୱାରା ଅଳ୍ପ ସମୟରେ ଏହି ସୃଷ୍ଟି ବେଶ୍ୟାଳୟରୁ ଶିବାଳୟ ହୋଇ ନର ଶ୍ରୀନାରାୟଣ ଓ ନାରୀ ଶ୍ରୀଲକ୍ଷ୍ମୀ ପଦ ପ୍ରାପ୍ତି କରିଥାନ୍ତି । ଏଥିପାଇଁ 'ଶିବରାତ୍ରି' ହୀରାତୁଲ୍ୟ ବିବେଚିତ ।


# ଶିବ ଓ ଶଙ୍କର ମଧ୍ୟରେ ପାର୍ଥକ୍ୟ



# ଗୋଟିଏ ବଡ ଭୁଲ୍

## ପରମାତ୍ମା ସର୍ବଜ୍ଞ ଏବଂ ସର୍ବଶକ୍ତିମାନ ଅଟନ୍ତି କିନ୍ତୁ ସର୍ବବ୍ୟାପୀ ନୁହନ୍ତି ।

## GOD IS NOT OMNIPRESENT



# ଗୋଟିଏ ବଡ ଭୁଲ୍

ବଡ ଆଶ୍ଚର୍ଯ୍ୟର କଥା, ଗୋଟିଏ ଦିଗରେ ଲୋକମାନେ ପରମାତ୍ମାଙ୍କୁ ମାତା-ପିତା ଓ ପତିତପାବନ ବୋଲି ମାନିଥାନ୍ତି ଏବଂ ଅନ୍ୟ ଦିଗରେ କହିଥାନ୍ତି ଯେ ପରମାତ୍ମା ସର୍ବବ୍ୟାପୀ ଅଟନ୍ତି; ଅର୍ଥାତ୍ ସାପ, ବେଙ୍ଗ, ମାଟି, ଗୋଡି, ପଥର, ବୃକ୍ଷ, ଲତା, ବିଲେଇ, କୁକୁର ଆଦିରେ ବିରାଜମାନ କରିଛନ୍ତି । ଏହା କେତେ ବଡ ଭୁଲ୍ ! କେତେ ବଡ ପାପ । ଯେଉଁ ପିତା ଆମକୁ ମୁକ୍ତି ଓ ଜୀବନମୁକ୍ତି ଜନ୍ମସିଦ୍ଧ ଅଧିକାର ଦେଉଛନ୍ତି ତଥା ଆମକୁ ପତିତରୁ ପାବନ କରାଇ ସ୍ୱର୍ଗର ରାଜ୍ୟ ଭାଗ୍ୟ ଦେଉଛନ୍ତି ତାଙ୍କ ପାଇଁ ଏପରି କହିବା ଅର୍ଥ କୃତଘ୍ନତାର କାମ କରିବା ସଙ୍ଗେ ସମାନ ।

ଯଦି ପରମାତ୍ମା ସର୍ବବ୍ୟାପୀ ହୋଇଥାନ୍ତେ, ତେବେ 'ଶିବଲିଙ୍ଗ'ର ପୂଜା କାହିଁକି ହେଉଥା'ନ୍ତା ? ଯଦି ସେ ସର୍ବତ୍ର ଥାଆନ୍ତେ, ତେବେ ସେ ଦିବ୍ୟ-ଜନ୍ମ କିପରି ନିଅନ୍ତେ ? ଅବତରଣ ପାଇଁ ମନୁଷ୍ୟ ତାଙ୍କୁ କାହିଁକି ଡାକୁଛନ୍ତି ଆଉ ଶିବରାତ୍ରି ମହୋତ୍ସବ କେଉଁ ସ୍ମୃତିକୁ ନେଇ ପାଳନ କରନ୍ତେ ? ଯଦି ପରମାତ୍ମା ସର୍ବବ୍ୟାପୀ ହୋଇଥାନ୍ତେ, ତେବେ ସେ ଗୀତାଜ୍ଞାନ କିପରି ଦିଅନ୍ତେ ? ଗୀତାରେ ଲିଖିତ ତାଙ୍କର ମହାବାକ୍ୟ କିପରି ସତ୍ୟ ପ୍ରମାଣିତ ହୁଅନ୍ତା, "ମୁଁ ପରମ ପୁରୁଷ (ପୁରୁଷୋତ୍ତମ) । ମୁଁ ସୂର୍ଯ୍ୟ, ତାରାଗଣଙ୍କର ପ୍ରକାଶ ଯେଉଁଠାରେ ପହଞ୍ଚି ନହେବ, ତା'ଠାରୁ ଉର୍ଦ୍ଧ୍ୱରେ ଥିବା ପରମଧାମ ନିବାସୀ ଅଟେ । ଏହି ସୃଷ୍ଟି ଏକ ଓଲଟା କଳ୍ପବୃକ୍ଷ ଯାହାର ବୀଜ 'ମୁଁ' ଅଟେ ।''

'ପରମାତ୍ମା ସର୍ବବ୍ୟାପୀ ଅଟନ୍ତି'- ଏପ୍ରକାର ମାନ୍ୟତା ଦ୍ୱାରା ଭକ୍ତି, ଜ୍ଞାନ-ଯୋଗ ଇତ୍ୟାଦି ଖଣ୍ଡନ ହୋଇଯାଉଛି । ଯଦି ଜ୍ୟୋତିସ୍ୱରୂପ ଭଗବାନଙ୍କର କୌଣସି ନାମ ଆଉ ରୂପ ନାହିଁ, ତେବେ ତାଙ୍କ ସହିତ ସମ୍ବନ୍ଧ (ଯୋଗ) ଯୋଡି ହେବ ନାହିଁ ବା ତାଙ୍କ ପ୍ରତି ସ୍ନେହ, ଓ ଭକ୍ତି ପ୍ରଦର୍ଶନ କରାଯାଇ ପାରିବ ନାହିଁ ଏବଂ ତାଙ୍କର ନାମ, କର୍ତ୍ତବ୍ୟ ଇତ୍ୟାଦିର ଚର୍ଚ୍ଚା ମଧ୍ୟ କରାଯାଇ ପାରିବ ନାହିଁ । ଜ୍ଞାନର ଅର୍ଥ ହେଲା କାହାରି ନାମ, ରୂପ, ଗୁଣ, ବାସସ୍ଥାନ, କର୍ମ, ସ୍ୱଭାବ, ସମ୍ବନ୍ଧ ଆଉ ତା'ଠାରୁ ହେଉଥିବା ପ୍ରାପ୍ତି ଇତ୍ୟାଦିର ପରିଚୟ ପ୍ରାପ୍ତ କରିବା । ଏଣୁ ପରମାତ୍ମାଙ୍କୁ ସର୍ବବ୍ୟାପୀ ମାନିବା କାରଣରୁ ଆଜି ମନୁଷ୍ୟ 'ମନ୍ମନାଭବ' ତଥା 'ମାମେକଂ ଶରଣଂ ବ୍ରଜ' ଇତ୍ୟାଦି ମହାବାକ୍ୟକୁ ପାଳନ କରିପାରୁ ନାହିଁ ଅର୍ଥାତ୍ ବୁଦ୍ଧିରେ ପରମାତ୍ମାଙ୍କ ସ୍ମୃତି ଧାରଣ କରିପାରୁ ନାହିଁ । ପରମାତ୍ମାଙ୍କ ସହିତ ସ୍ନେହ-ସମ୍ବନ୍ଧ ଯୋଡି ନ ପାରିବା କାରଣରୁ ତା'ର ବୁଦ୍ଧି ଇତସ୍ତତଃ ଘୂରି ବୁଲୁଛି । ପରମାତ୍ମା ତ ଚୈତନ୍ୟ ଅଟନ୍ତି । ସେ' ତ ଆମର ପରମପିତା । ପିତା କେବେହେଲେ ସର୍ବବ୍ୟାପୀ ହୋଇନଥାନ୍ତି । ଏଣୁ ପରମପିତା ପରମାତ୍ମାଙ୍କୁ ସର୍ବବ୍ୟାପୀ ମାନିବା କାରଣରୁ ସମସ୍ତ ନର-ନାରୀ ଯୋଗଭ୍ରଷ୍ଟ ଓ ପତିତ ହୋଇ ଯାଇଛନ୍ତି ଏବଂ ସେହି ପରମପିତାଙ୍କର ପବିତ୍ରତା ସୁଖ-ଶାନ୍ତିରୂପୀ ସମ୍ପତ୍ତିରୁ ବଞ୍ଚିତ ହୋଇ ଦୁଃଖୀ, ଅଶାନ୍ତ ହୋଇ ପଡିଛନ୍ତି ।

ଏଣୁ ଭକ୍ତମାନେ ଯାହା କହନ୍ତି, 'ସକଳ ଘଟେ ନାରାୟଣ' ଏହାର ଶାବ୍ଦିକ ଅର୍ଥ କହିବା ଠିକ୍ ନୁହେଁ । ବାସ୍ତବରେ 'ଘଟ' ଅର୍ଥାତ୍ 'ହୃଦୟ'କୁ ପ୍ରେମ ଓ ସ୍ମୃତିର ସ୍ଥାନ ବୋଲି କୁହାଯାଇଥାଏ । ଦ୍ୱାପରଯୁଗ ଆରମ୍ଭରେ ଲୋକମାନଙ୍କଠାରେ ପ୍ରଗାଢ ଈଶ୍ୱର ଭକ୍ତି ଓ ପ୍ରଭୁଙ୍କଠାରେ ଆସ୍ଥା ଓ ଶ୍ରଦ୍ଧା ବହୁତ ଥିଲା । ଏପରି କେହି ନଥିଲା, ଯିଏକି ପରମାତ୍ମାଙ୍କୁ ମାନୁ ନଥିଲା । ତେଣୁ ସେ ସମୟରେ ଭକ୍ତ ଭାବବିହ୍ୱଳ ହୋଇ କହି ପକାଉଥିଲା, ଈଶ୍ୱର ପ୍ରତି ଘଟରେ ଅଛନ୍ତି ଅର୍ଥାତ୍ ତାଙ୍କୁ ସମସ୍ତେ ଶ୍ରଦ୍ଧାର ସହ ସ୍ମରଣ କରୁଥିଲେ; ଏବଂ ସମସ୍ତଙ୍କ ମନରେ ଈଶ୍ୱରଙ୍କ ଛବି ରହୁଥିଲା । କିନ୍ତୁ ଉପର୍ଯ୍ୟୁକ୍ତ ଉକ୍ତିର ଯଦି ଅର୍ଥ କରିବା, ଈଶ୍ୱର ସମସ୍ତଙ୍କ ହୃଦୟରେ ଅଛନ୍ତି, ତାହାହେଲେ ଏକ ବଡ ଭୁଲ୍ ହେବ ।

# ସୃଷ୍ଟିରୂପୀ ଓଲଟା ଓ ଅଦ୍ଭୁତ ବୃକ୍ଷ ଏବଂ ତା'ର ବୀଜରୂପ ପରମାତ୍ମା

ଭଗବାନ ଏହି ସୃଷ୍ଟିରୂପୀ ବୃକ୍ଷକୁ ଗୋଟିଏ ଓଲଟା ବୃକ୍ଷ ସହିତ ତୁଳନା କରିଛନ୍ତି । କାହିଁକି ନା ସବୁ ବୃକ୍ଷର ବୀଜ ମାଟି ଭିତରେ ଲଗାଯାଇଥାଏ ଆଉ ଗଛ ଉପରକୁ ଉଠିଥାଏ । କିନ୍ତୁ ମନୁଷ୍ୟ ସୃଷ୍ଟିରୂପୀ ବୃକ୍ଷର ଯିଏ ଅବିନାଶୀ ଆଉ ଚୈତନ୍ୟ ବୀଜସ୍ୱରୂପ ପରମପିତା ପରମାତ୍ମା ଶିବ, ସେ ସ୍ୱୟଂ ସୃଷ୍ଟିର ଆରପାରିରେ ଅର୍ଥାତ୍ ପରମଧାମ ବା ବ୍ରହ୍ମଲୋକରେ ନିବାସ କରନ୍ତି ।

ଚିତ୍ରରେ ସବୁଠାରୁ ତଳେ କଳିଯୁଗ ଶେଷ ଓ ସତ୍ୟଯୁଗର ଆରମ୍ଭ ସମୟ ସଂଗମଯୁଗ ଦର୍ଶାଯାଇଛି । ସେଠାରେ ଶ୍ୱେତ ବସ୍ତ୍ରଧାରୀ ପ୍ରଜାପିତା ବ୍ରହ୍ମା, ଜଗଦମ୍ବା ସରସ୍ୱତୀ ତଥା କେତେକ ବ୍ରାହ୍ମଣ-ବ୍ରାହ୍ମଣୀ ସହଜ ରାଜଯୋଗ ସ୍ଥିତିରେ ତପସ୍ୟାରତ । ଏହି ଚିତ୍ରରେ ପ୍ରତିପାଦନ କରାଯାଇଛି, କଳିଯୁଗ ଶେଷ ଅଜ୍ଞାନରୂପୀ ରାତ୍ରି ସମୟରେ ସୃଷ୍ଟିର ବୀଜରୂପ, କଲ୍ୟାଣକାରୀ, ଜ୍ଞାନରସାଗର ପରମପିତା ପରମାତ୍ମା ଶିବ ନୂଆ ପବିତ୍ର ସୃଷ୍ଟି ରଚନା କରିବାର ସଂକଳ୍ପ ନେଇ ପ୍ରଜପିତା ବ୍ରହ୍ମାଙ୍କ ଶରୀରରେ ଅବତରିତ (ପ୍ରବେଶ) ହୋଇଛନ୍ତି ଏବଂ ତାଙ୍କ ମୁଖକମଳ ଦ୍ୱାରା ମୂଳ ଗୀତା-ଜ୍ଞାନ ଓ ସହଜ ରାଜଯୋଗ ଶିକ୍ଷା ପ୍ରଦାନ କରୁଛନ୍ତି । ଯାହାକୁ ଧାରଣ କରି ସାଧାରଣ ନର-ନାରୀ 'ପବିତ୍ର ବ୍ରାହ୍ମଣ' ରୂପେ ପରିଚିତ ହୋଇଛନ୍ତି । ଏହି ବ୍ରାହ୍ମଣ-ବ୍ରାହ୍ମଣୀ, ସରସ୍ୱତୀ ଆଦିଙ୍କୁ " ଶିବଶକ୍ତି" ମଧ୍ୟ କୁହାଯାଇଥାଏ । ଏହି ରୂପେ ଏମାନେ ପ୍ରଜାପିତା ବ୍ରହ୍ମାଙ୍କ ମୁଖରୁ (ଜ୍ଞାନ ଦ୍ୱାରା) ସୃଷ୍ଟି ହୋଇଛନ୍ତି । ଏହି ଛୋଟିଆ ଯୁଗକୁ 'ସଙ୍ଗମଯୁଗ' କୁହାଯାଇଥାଏ । ଏହି ଯୁଗକୁ ସୃଷ୍ଟିର 'ଧର୍ମଯୁଗ' (Leap Yuga) 'ପୁରୁଷୋତ୍ତମ ଯୁଗ' ଅଥବା 'ଗୀତା-ଯୁଗ' (Gita Epoch) ମଧ୍ୟ କୁହାଯାଇପାରେ ।

ସତ୍ୟଯୁଗରେ ଶ୍ରୀଲକ୍ଷ୍ମୀ-ଶ୍ରୀନାରାୟଣଙ୍କର ଅଖଣ୍ଡ, ନିର୍ବିଘ୍ନ ଓ ଅତି ସୁଖକର ରାଜ୍ୟ ଥିଲା । ସେ ସମୟରେ ଘିଅ ଓ କ୍ଷୀରର ନଦୀ ବହୁଥିବାର କିମ୍ବଦନ୍ତୀ ପ୍ରସିଦ୍ଧ । ଗାଈ ଆଉ ବାଘ ଗୋଟିଏ ଘାଟରେ ପାଣି ପିଉଥିବା ସୁବିଦିତ । ସେ ସମୟରେ ଭାରତବାସୀ ଦ୍ୱି-ମୁକୁଟଧାରୀ (Double Crowned) ଥିଲେ । ସମସ୍ତେ ସଦା ସୁସ୍ଥ (Ever Healthy), ସଦା ଧନବାନ (Ever Wealthy) ଓ ସଦା ସୁଖୀ (Ever Happy) ଥିଲେ । ସେ ସମୟରେ କାମ, କ୍ରୋଧାଦି ବିକାର, ଲଢେଇ-ଝଗଡା, ହିଂସା ତଥା ଅଶାନ୍ତି ଓ ଦୁଃଖ ଲେଶମାତ୍ର ନଥିଲା । ସେତେବେଳେ ଭାରତକୁ 'ସ୍ୱର୍ଗ', 'ବୈକୁଣ୍ଠ', 'ବହିସ୍ତ', 'ସୁଖଧାମ' ଅଥବା ହେଭେନ୍‌ଲି ଏବୋଡ୍ (Heavenly Abode) କୁହାଯାଉଥିଲା । ସମସ୍ତେ ଜୀବନମୁକ୍ତ ଓ ପୂଜ୍ୟ ଥିଲେ ଏବଂ ସମସ୍ତଙ୍କ ହାରାହାରି ଆୟୁ ପ୍ରାୟ ୧୫୦ ବର୍ଷ ଥିଲା । ସେ ଯୁଗର ଲୋକଙ୍କୁ 'ଦେବତା-ବର୍ଣ୍ଣ' କୁହାଯାଉଥିଲା । ବିଶ୍ୱ ମହାରାଣୀ ଶ୍ରୀଲକ୍ଷ୍ମୀ ତଥା ବିଶ୍ୱ ମହରାଜନ୍ ଶ୍ରୀନାରାୟଣ ପୂଜାପାଇଁ ସୂର୍ଯ୍ୟବଂଶରେ ମୋଟ ଅଷ୍ଟ ସୂର୍ଯ୍ୟବଂଶୀ ମହାରାଣୀ ଓ ମହାରାଜା ହୋଇଥାନ୍ତି । ଏହିପରି ୧୨୫୦ ବର୍ଷ ପର୍ଯ୍ୟନ୍ତ ଚକ୍ରବର୍ତ୍ତୀ ରାଜ୍ୟ କରନ୍ତି ।

ତ୍ରେତୟାଯୁଗରେ ଶ୍ରୀସୀତା ଓ ଶ୍ରୀରାମ ଚନ୍ଦ୍ରବଂଶୀ, ୧୪ କଳାଯୁକ୍ତ ଗୁଣବାନ ଏବଂ ସମ୍ପୂର୍ଣ୍ଣ ନିର୍ବିକାରୀ ଥିଲେ । ସେମାନଙ୍କ ରାଜ୍ୟର ମଧ୍ୟ ଭାରତରେ ଅଶେଷ ମହିମା ଗାନ କରାଯାଇଅଛି । ସତ୍ୟଯୁଗ-ତ୍ରେତୟାଯୁଗର 'ଆଦି ସନାତନ ଦେବୀ ଦେବତା ଧର୍ମ-ବଂଶ' ଏହି ମନୁଷ୍ୟ ସୃଷ୍ଟିରୂପୀ ବୃକ୍ଷର ଗଣ୍ଡି ତଥା ମୂଳ ସଦୃଶ, ଯାହାଠାରୁ ପରେ ଅନେକ ଧର୍ମରୂପୀ ଶାଖା ବାହାରିଲା । ଦ୍ୱାପରରେ ଦେହ ଅଭିମାନ ତଥା କାମ-କ୍ରୋଧାଦି ବିକାରର ପ୍ରାଦୁର୍ଭାବ ହେତୁ ଦୈବୀ ସ୍ୱଭାବ ସ୍ଥାନରେ ଆସୁରୀ ସ୍ୱଭାବ ସ୍ଥାନ ଅଧିକାର କଲା । ସୃଷ୍ଟିରେ ଦୁଃଖ-ଅଶାନ୍ତିର ରାଜ୍ୟ ବିସ୍ତାର ଲାଭ କଲା । ସେଥିରୁ ମୁକ୍ତି ପାଇବା ପାଇଁ ମନୁଷ୍ୟ ଭକ୍ତିମାର୍ଗର ଅନୁସରଣ କଲା । ଋଷି, ମୁନି ଶାସ୍ତ୍ର-ପୁରାଣ ରଚନା କଲେ । ଏହିଠାରୁ ଯଜ୍ଞ-ତପର ଶୁଭାରମ୍ଭ ହେଲା ।

ଶେଷରେ କଳିଯୁଗରେ ଲୋକମାନେ ପରମାତ୍ମା ଶିବ ତଥା ଦେବତାଙ୍କର ପୂଜା ବ୍ୟତିରେକ ସୂର୍ଯ୍ୟ, ଅଗ୍ନି, ଅଶ୍ୱସ୍ତ ଗଛ ତଥା ଅନ୍ୟ ଜଡତତ୍ତ୍ୱର ମଧ୍ୟ ପୂଜା କରିବାକୁ ଲାଗିଲେ ଏବଂ ସମ୍ପୂର୍ଣ୍ଣ ଦେହ-ଅଭିମାନୀ, ବିକାରୀ, ପତିତ ହୋଇଗଲେ । ସେମାନଙ୍କ ଆହାର, ବ୍ୟବହାର, ଦୃଷ୍ଟି-ବୃତ୍ତି, ମନ-ବଚନ ଓ କର୍ମ ତମୋଗୁଣୀ ତଥା ବିକାରର ଅଧୀନ ହୋଇଗଲା । ସର୍ବଶେଷରେ ସବୁ ମନୁଷ୍ୟାତ୍ମା ତମୋପ୍ରଧାନ ଓ ଆସୁରୀ ଲକ୍ଷଣଯୁକ୍ତ ହୋଇଗଲେ । ଏଣୁ ସତ୍ୟଯୁଗ ଓ ତ୍ରେତୟାଯୁଗର ଦୈବୀ ସୃଷ୍ଟିକୁ ସ୍ୱର୍ଗ (ବୈକୁଣ୍ଠ) ଏବଂ ତା' ତୁଳନାରେ ଦ୍ୱାପରଯୁଗ ତଥା କଳିଯୁଗ ସୃଷ୍ଟିକୁ ନରକ କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ସୃଷ୍ଟିରୂପୀ ଓଲଟା ଓ ଅଦ୍ଭୂତ ବୃକ୍ଷ ଏବଂ ତା'ର ବୀଜରୂପ ପରମାତ୍ମା



# ପ୍ରଭୁମିଳନର ଗୁପ୍ତଯୁଗ ପୁରୁଷୋତ୍ତମ ସଙ୍ଗମଯୁଗ



# ପ୍ରଭୁମିଳନର ଗୁପ୍ତଯୁଗପୁରୁଷୋତ୍ତମ ସଙ୍ଗମଯୁଗ

ଭାରତରେ ଆଦି ସନାତନ ଧର୍ମର ଲୋକମାନେ ଯେପରି ପର୍ବପର୍ବାଣି ଇତ୍ୟାଦି ଶ୍ରଦ୍ଧାର ସହିତ ପାଳନ କରନ୍ତି, ଠିକ୍ ସେହିପରି ପୁରୁଷୋତ୍ତମ ମାସକୁ ମଧ୍ୟ ମାନିଥାନ୍ତି । ଏହି ମାସରେ ବିଶେଷ କରି ତୀର୍ଥଯାତ୍ରା, ଦାନପୁଣ୍ୟ ଆଦି କରିଥାନ୍ତି ଏବଂ ଆଧ୍ୟାତ୍ମିକ ଜ୍ଞାନ ଚର୍ଚ୍ଚାରେ ସମୟ କଟାଇଥାନ୍ତି । ପୁରୁଷୋତ୍ତମ ମାସରେ ପ୍ରାତଃ ଗଙ୍ଗାସ୍ନାନକୁ ଅଧିକ ମହତ୍ତ୍ୱ ଦେଇଥାନ୍ତି ।

ବାସ୍ତବରେ 'ପୁରୁଷୋତ୍ତମ' ଶବ୍ଦ ପରମପିତା ପରମାତ୍ମା ବାଚକ । ଯେପରି 'ଆତ୍ମା'କୁ 'ପୁରୁଷ' ବୋଲି କୁହାଯାଇଥାଏ ସେହିପରି ପରମାତ୍ମାଙ୍କ ପାଇଁ 'ପରମପୁରୁଷ' ବା 'ପୁରୁଷୋତ୍ତମ' ଶବ୍ଦର ପ୍ରୟୋଗ ହୋଇଥାଏ, କାହିଁକି ନା ସେ ସମସ୍ତ ପୁରୁଷ (ଆତ୍ମା)ମାନଙ୍କ ଠାରୁ ଜ୍ଞାନ, ଶାନ୍ତି, ପବିତ୍ରତା ଓ ଶକ୍ତିରେ ଶ୍ରେଷ୍ଠ । 'ପୁରୁଷୋତ୍ତମ ମାସ' କଳିଯୁଗର ଶେଷ ଓ ସତ୍ୟଯୁଗର ଆରମ୍ଭ 'ସଙ୍ଗମଯୁଗ'ର ସ୍ମୃତି ଆଣିଥାଏ । କାରଣ ଏହି ଯୁଗରେ ପୁରୁଷୋତ୍ତମ (ପରମପିତା ପରମାତ୍ମା)ଙ୍କର ଅବତରଣ ହୋଇଥାଏ । ସତ୍ୟଯୁଗ ଆରମ୍ଭରୁ କଳିଯୁଗର ଶେଷ ପର୍ଯ୍ୟନ୍ତ ମନୁଷ୍ୟ ଆତ୍ମାମାନଙ୍କର ଜନ୍ମ, ପୁନର୍ଜନ୍ମ ହୋଇ ଚାଲିଥାଏ କିନ୍ତୁ କଳିଯୁଗ ଶେଷରେ ସତ୍ୟଯୁଗ ଓ ସତ୍ ଧର୍ମର ତଥା ଉତ୍ତମ ମର୍ଯ୍ୟାଦାର ପୁନଃସ୍ଥାପନା କରିବା ପାଇଁ ପୁରୁଷୋତ୍ତମ(ପରମାତ୍ମା)ଙ୍କୁ ଆସିବାକୁ ପଡିଥାଏ । ଏହି ସଂଗମଯୁଗରେ ପରମପିତା ପରମାତ୍ମା ମନୁଷ୍ୟାତ୍ମାଙ୍କୁ ଈଶ୍ୱରୀୟ ଜ୍ଞାନ ଓ ସହଜ ରାଜଯୋଗ ଶିକ୍ଷା ଦେଇ ପରମଧାମ ଅର୍ଥାତ୍ ମୁକ୍ତିଧାମ ବା ଶିବପୁରୀକୁ ଫେରାଇ ନେଇ ପୁନଶ୍ଚ ସତ୍ୟଯୁଗୀ ଦୁନିଆ ଅର୍ଥାତ୍ 'ବିଷ୍ଣୁପୁରୀ'ର ମାଲିକ ହେବା ପାଇଁ ପୁରୁଷାର୍ଥ କରାଇଥାନ୍ତି । ପରନ୍ତୁ ଯେଉଁ ଆତ୍ମାମାନେ ଏହି ପୁରୁଷାର୍ଥ ପ୍ରତି ବିମୁଖ ହୁଅନ୍ତି, ପରମାତ୍ମା ସେମାନଙ୍କୁ ସୃଷ୍ଟିର ମହାବିନାଶ ଦ୍ୱାରା ଅଶରୀରୀ କରାଇ ମୁକ୍ତିଧାମ ଅର୍ଥାତ୍ 'ଶିବପୁରୀ'କୁ ନେଇଯାଇଥାନ୍ତି । ଏହିପରି ମନୁଷ୍ୟାତ୍ମାମାନେ ଜ୍ଞାନଚର୍ଚ୍ଚା ଅର୍ଥାତ୍ ଜ୍ଞାନ-ଗଙ୍ଗାରେ ସ୍ନାନ କରି ପବିତ୍ର ହୋଇଥାନ୍ତି ଏବଂ ନିଜର ପୁରୁଷାର୍ଥ ଅନୁସାରେ ଶିବପୁରୀ ଓ ବିଷ୍ଣୁପୁରୀକୁ ଯାତ୍ରା କରିଥାନ୍ତି । କିନ୍ତୁ ଏହି ରହସ୍ୟକୁ ମନୁଷ୍ୟ ନ ଜାଣିଥିବାରୁ ଗଙ୍ଗାନଦୀରେ ସ୍ନାନ କରୁଛନ୍ତି ଏବଂ ଶିବ ତଥା ବିଷ୍ଣୁଙ୍କ ଦର୍ଶନାର୍ଥେ ତୀର୍ଥ ଭ୍ରମଣ କରୁଛନ୍ତି । ବାସ୍ତବରେ ପୁରୁଷୋତ୍ତମ ମାସରେ ଯେଉଁ ଦାନର ମହତ୍ତ୍ୱ ଅଛି, ସେହି ଦାନ ପଞ୍ଚବିକାରର ଦାନ । ପରମପିତା ପରମାତ୍ମା ଯେତେବେଳେ ପୁରୁଷୋତ୍ତମ ଯୁଗରେ ଅବତରିତ ହୋଇଥାନ୍ତି ସେତେବେଳେ ମନୁଷ୍ୟାତ୍ମାମାନଙ୍କୁ ବଦଭ୍ୟାସ ଅଥବା ବିକାର, ଦାନ ହିସାବରେ ସ୍ୱୟଂ ପରମାତ୍ମାଙ୍କୁ ଦେବା ପାଇଁ ଶିଖାଇଥାନ୍ତି । ଏହିପରି କାମ, କ୍ରୋଧାଦି ବିକାର ତ୍ୟାଗ କରି ନରନାରୀମାନେ ଉତ୍ତମ ମର୍ଯ୍ୟାଦାଯୁକ୍ତ ହୋଇଥାନ୍ତି ଏବଂ ତା'ପରେ ସତ୍ୟଯୁଗ, ଦୈବୀଯୁଗ ଆରମ୍ଭ ହୋଇଥାଏ । ଆଜି ଯଦି ଏହି ରହସ୍ୟକୁ ଉପଲବ୍ଧି କରି ମନୁଷ୍ୟ ବିକାରର ଦାନ ଦିଅନ୍ତେ, ଜ୍ଞାନଗଙ୍ଗାରେ ନିତ୍ୟ ସ୍ନାନ କରନ୍ତେ ଏବଂ ଯୋଗ ଦ୍ୱାରା ଦେହଠାରୁ ପୃଥକ ହୋଇ ପ୍ରକୃତ ଆଧ୍ୟାତ୍ମିକ ଯାତ୍ରା କରନ୍ତେ ତେବେ ବିଶ୍ୱରେ ପୁଣି ଥରେ ସୁଖ-ଶାନ୍ତି ସମ୍ପନ୍ନ ରାମରାଜ୍ୟ (ସ୍ୱର୍ଗ) ସ୍ଥାପନା ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ନର-ନାରୀ ନରକରୁ ଯାଇ ସ୍ୱର୍ଗରେ ପହଞ୍ଚି ପାରନ୍ତେ । ପାର୍ଶ୍ୱସ୍ଥ ଚିତ୍ରରେ ଏହି ରହସ୍ୟକୁ ପ୍ରତିପାଦନ କରାଯାଇଛି ।

ଏଠାରେ ସଂଗମଯୁଗରେ ଶ୍ୱେତବସ୍ତ୍ରଧାରୀ 'ପ୍ରଜାପିତା ବ୍ରହ୍ମା', 'ଜଗଦମ୍ବା ସରସ୍ୱତୀ' ତଥା କେତେକ ମୁଖବଂଶାବଳୀ ବ୍ରାହ୍ମଣ ବ୍ରାହ୍ମଣୀ ପରମପିତା ପରମାତ୍ମା ଶିବଙ୍କ ସହିତ ଯୋଗରେ ବସିଥିବାର ଦେଖାଇ ଦିଆଯାଇଛି । ଏହି ରାଜଯୋଗ ଦ୍ୱାରା ହିଁ ମନର ମଇଳା ଧୋଇ ହୋଇଯାଏ, ଅତୀତର ବିକର୍ମ ଦଗ୍ଧ ହୁଏ ଏବଂ ସଂସ୍କାର ସତ୍ତ୍ୱପ୍ରଧାନ ହୋଇଥାଏ । ଏତଦ୍‌ବ୍ୟତୀତ ଅନ୍ୟ ଉପାୟ ନାହିଁ । ଚିତ୍ରରେ ନରକରୁ ଦୁଇ ନର-ନାରୀ ବାହାରି ଜ୍ଞାନ ଓ ଯୋଗରୂପୀ ସୂକ୍ଷ୍ମ ଅଗ୍ନିରେ କାମ, କ୍ରୋଧାଦି ବିକାର ସ୍ୱାହା କରୁଥିବାର ଦେଖାଇ ଦିଆଯାଇଛି । ଏହାର ଫଳସ୍ୱରୂପ, ସେମାନେ ନରରୁ ଶ୍ରୀନାରାୟଣ, ନାରୀରୁ ଶ୍ରୀଲକ୍ଷ୍ମୀ ଅର୍ଥାତ୍ ମନୁଷ୍ୟରୁ ଦେବପଦର ଅଧିକାରୀ ହୋଇ ସୁଖଧାମ, ବୈକୁଣ୍ଠ ଅର୍ଥାତ୍ ସ୍ୱର୍ଗର ପବିତ୍ର ଓ ସୁଖ-ଶାନ୍ତି ସମ୍ପନ୍ନ ରାଜ୍ୟ ସ୍ୱ-ରାଜ୍ୟର ଅଧିକାରୀ ହୋଇପାରୁଛନ୍ତି ।

ଜାଣିରଖିବା ଦରକାର, ବର୍ତ୍ତମାନ ସମୟ ଏହି 'ସଙ୍ଗମଯୁଗ' ହିଁ ଚାଲିଛି । ଏହି କଳିଯୁଗୀ ସୃଷ୍ଟି, ଦୁଃଖଧାମ ଅର୍ଥାତ୍ ନରକ ତୁଲ୍ୟ ହୋଇଛି । ନିକଟ ଭବିଷ୍ୟତରେ ସତ୍ୟଯୁଗ ଆସିବ, ଯେତେବେଳେ ସାରା ସୃଷ୍ଟି ସମ୍ପୂର୍ଣ୍ଣ ସୁଖଧାମରେ ପରିଣତ ହୋଇଯିବ । ଏଣୁ ଏବେ ଆମେ ପବିତ୍ର ଓ ଯୋଗୀ ହେବା ଉଚିତ । ସ୍ମରଣ ରଖିବାକୁ ହେବ 'ଏବେ ନୁହେଁ ତ କେବେ ନୁହେଁ ।'

# ମନୁଷ୍ୟର ୮୪ ଜନ୍ମର ଅଭୁତ କାହାଣୀ

ମନୁଷ୍ୟ ସାରାକଳ୍ପରେ ସର୍ବାଧିକ ମୋଟ ୮୪ ଜନ୍ମ ନେଇଥାଏ । ସେ ୮୪ ଲକ୍ଷ ଯୋନିରେ ପୁନର୍ଜନ୍ମ ନେଇ ନଥାଏ । ମନୁଷ୍ୟାତ୍ମାର ୮୪ ଜନ୍ମର ଚକ୍ରକୁ ଏଠାରେ ୮୪ ପାହାଚ ରୂପେ ଚିହ୍ନିତ କରାଯାଇଛି । ପ୍ରଜାପିତା ବ୍ରହ୍ମା ଓ ଜଗଦମ୍ବା ସରସ୍ୱତୀ ମନୁଷ୍ୟ ସୃଷ୍ଟିର ଆଦିପିତା ଓ ଆଦିମାତା ହୋଇଥିବାରୁ ଏଠାରେ ତାଙ୍କର ୮୪ ଜନ୍ମର ସଂକ୍ଷିପ୍ତ କାହାଣୀ ଉଲ୍ଲେଖ କଲେ, ଅନ୍ୟ ମନୁଷ୍ୟାତ୍ମାଙ୍କର ଉତ୍ଥାନ-ପତନର କାହାଣୀ ତା'ର ଅନ୍ତର୍ଗତ ବୋଲି ଧରି ନିଆଯାଇପାରିବ । ଏକଥା ଆଗରୁ କୁହାଯାଇଛି ଯେ ବ୍ରହ୍ମା ଓ ସରସ୍ୱତୀ ସଙ୍ଗମଯୁଗରେ ପରମାତ୍ମା ଶିବଙ୍କ ଦ୍ୱାରା ଜ୍ଞାନ, ଯୋଗ ଶିକ୍ଷା କରି ସତ୍ୟଯୁଗ ଆରମ୍ଭରେ ଶ୍ରୀନାରାୟଣ ଓ ଶ୍ରୀଲକ୍ଷ୍ମୀ ପଦ ପ୍ରାପ୍ତ ହୋଇଥା'ନ୍ତି ।

## ସତ୍ୟ ଓ ତ୍ରେତୟାଯୁଗରେ ମୋଟ ୨୧ ଜନ୍ମ ପୂଜ୍ୟ ଦେବପଦ

ସଂଲଗ୍ନ ଚିତ୍ରରେ ଦେଖାଇ ଦିଆଯାଇଛି ଯେ, ସତ୍ୟଯୁଗ ୧୨୫୦ ବର୍ଷରେ ଶ୍ରୀଲକ୍ଷ୍ମୀ ଓ ଶ୍ରୀନାରାୟଣ ଶତକଡା ୧୦୦ ଭାଗ ସୁଖ-ଶାନ୍ତି ସମ୍ପନ୍ନ ୮ ଜନ୍ମ ନେଇଥା'ନ୍ତି । ଏଥିପାଇଁ ଭାରତରେ ଲୋକେ ୮ ସଂଖ୍ୟାକୁ ଶୁଭ ମାନିଥା'ନ୍ତି । ସେଥିପାଇଁ କେତେକେ କେବଳ ୮ ଦାନାର ମାଳା ଜପିଥା'ନ୍ତି ତଥା ଅଷ୍ଟ ଦେବତାଙ୍କର ପୂଜା କରିଥା'ନ୍ତି । ପୂଜ୍ୟ ସ୍ଥିତିଯୁକ୍ତ ଏହି ୮ ନାରାୟଣୀ ଜନ୍ମକୁ ଏଠାରେ ୮ଟି ଶିଡିର ପାହାଚ ରୂପରେ ଚିତ୍ରିତ କରାଯାଇଛି । ପୁଣି ତ୍ରେତୟାରେ ୧୨୫୦ ବର୍ଷ ମଧ୍ୟରେ ୧୪ କଳା ସମ୍ପନ୍ନ ଶ୍ରୀସୀତା ଓ ଶ୍ରୀରାମଚନ୍ଦ୍ରଙ୍କ ବଂଶରେ ପୂଜ୍ୟ ରାଜା-ରାଣୀ ଅଥବା ଶ୍ରେଷ୍ଠ ପ୍ରଜା ରୂପରେ ମୋଟ ୧୨/୧୩ ଜନ୍ମ ନେଇଥା'ନ୍ତି । ଏହିପ୍ରକାର ସତ୍ୟ ଆଉ ତ୍ରେତୟାଯୁଗରେ ମୋଟ ୨୫୦୦ ବର୍ଷରେ ସମ୍ପୂର୍ଣ୍ଣ ପବିତ୍ରତା, ସୁଖ-ଶାନ୍ତି ଏବଂ ସ୍ୱାସ୍ଥ୍ୟ ସମ୍ପନ୍ନ ୨୧ ଦୈବୀ ଜନ୍ମ ନେଇଥା'ନ୍ତି । ଏଥିପାଇଁ କୁହାଯାଇଥାଏ, ଜ୍ଞାନଦ୍ୱାରା ମନୁଷ୍ୟର ୨୧ ଜନ୍ମ ଅଥବା ୨୧ ପିଢ଼ି ସୁଧୁରି ଯାଇଥାଏ ବା ମୁକ୍ତି ମିଳିଥାଏ ।

## ଦ୍ୱାପର ଓ କଳିଯୁଗରେ ମୋଟ ୬୩ ଜନ୍ମ ଜୀବନ-ବନ୍ଧନ

ସୁଖର ପ୍ରାରବ୍ଧ ସମାପ୍ତ ହେବା ପରେ ଦ୍ୱାପରଯୁଗ ଆରମ୍ଭରେ ପୂଜ୍ୟ ଆତ୍ମାଙ୍କର ପୂଜାରୀ ଅବସ୍ଥା ହୋଇଯାଇଥାଏ । ସର୍ବପ୍ରଥମେ ସେମାନେ ନିରାକାର ପରମପିତା ପରମାତ୍ମା ଶିବଙ୍କର ହୀରାର ପ୍ରତିମା ତିଆରି କରି ଅତି ଶୁଦ୍ଧଭାବନା ସହିତ ପୂଜା କରିଥା'ନ୍ତି । ଏଠାର ଚିତ୍ରରେ, ପ୍ରଜାପିତା ବ୍ରହ୍ମା ପୂଜାରୀ ରାଜା ରୂପରେ ଶିବଙ୍କର ପୂଜା କରୁଥିବାର ଦେଖାଯାଇଛି । ତା'ପରେ ଧୀରେ ଧୀରେ ସୂକ୍ଷ୍ମ ଦେବତା ଅର୍ଥାତ୍ ବିଷ୍ଣୁ ତଥା ଶଙ୍କରଙ୍କର ପୂଜା କରିଥା'ନ୍ତି ଏବଂ ପରେ ଅଜ୍ଞାନତା ତଥା ଆତ୍ମବିସ୍ମୃତ ହେତୁ ନିଜର ଆଦି ସ୍ୱରୂପ ଶ୍ରୀନାରାୟଣ ତଥା ଶ୍ରୀଲକ୍ଷ୍ମୀଙ୍କର ପୂଜା ମଧ୍ୟ କରିଥା'ନ୍ତି । ଏଥିପାଇଁ କୁହାଯାଇଥାଏ ଯେ 'ଯେଉଁମାନେ ନିଜେ ପୂଜ୍ୟ ଥିଲେ, ପରେ ସେମାନେ ହିଁ ପୂଜାରୀ ହୋଇଗଲେ ।' ଶ୍ରୀଲକ୍ଷ୍ମୀ ଓ ଶ୍ରୀନାରାୟଣଙ୍କର ଆତ୍ମା ଦ୍ୱାପରଯୁଗରେ ୧୨୫୦ ବର୍ଷ ଭିତରେ ଏପରି ପୂଜାରୀ ଭାବେ ଭିନ୍ନ ଭିନ୍ନ ନାମ ରୂପରେ ବୈଶବଂଶୀ ଭକ୍ତ ଶିରୋମଣି ରାଜା-ରାଣୀ ଅଥବା ପ୍ରଜା ରୂପରେ ୨୧ ଜନ୍ମ ନେଲେ ।


ଏହାପରେ କଳିଯୁଗ ଆରମ୍ଭ ହେଲା । ଏହି ଯୁଗରେ ସୂକ୍ଷ୍ମଲୋକ ଓ ସାକାରଲୋକ ଦେବୀ-ଦେବତାଙ୍କ ଛଡା ତତ୍ତ୍ୱପୂଜା ମଧ୍ୟ ଆରମ୍ଭ ହୋଇଗଲା । କ୍ରମେ କ୍ରମେ ଭକ୍ତି ବ୍ୟଭିଚାରୀ ହୋଇଗଲା । ଏହି ଅବସ୍ଥା ସୃଷ୍ଟିର ତମୋପ୍ରଧାନ ଅଥବା ଶୂଦ୍ର ଅବସ୍ଥା ଭାବରେ ପରିଗଣିତ ହେଲା । ଏହି ସମୟରେ କାମ, କ୍ରୋଧ, ଲୋଭ, ମୋହ ଓ ଅହଙ୍କାର ଉଗ୍ରରୂପ ଧାରଣ କରିବାକୁ ଲାଗିଲା । କଳିଯୁଗ ଶେଷରେ ସେମାନଙ୍କର ବଂଶଧର ମୋଟ ୪୨ ଜନ୍ମ ନେଲେ ।

ଉପର୍ଯ୍ୟୁକ୍ତ ହିସାବରୁ ସ୍ପଷ୍ଟ ଜଣାପଡୁଛି, ମୋଟ ୫୦୦୦ ବର୍ଷରେ ସେମାନଙ୍କର ଆତ୍ମା ପୂଜ୍ୟ ଓ ପୂଜାରୀ ରୂପରେ ମୋଟ ୮୪ ଜନ୍ମ ନେଇଥାନ୍ତି । ଏବେ ସେହି ପୁରୁଣା ପତିତ ଦୁନିଆରେ ୮୩ ଜନ୍ମ ନେଇ ସାରିଛନ୍ତି । ସେମାନଙ୍କର ଅନ୍ତିମ ଅର୍ଥାତ୍ ୮୪ ତମ ଜନ୍ମର ବାନପ୍ରସ୍ଥ ଅବସ୍ଥାରେ ପରମପିତା ପରମାତ୍ମା ତାଙ୍କର ନାମ 'ପ୍ରଜାପିତା ବ୍ରହ୍ମା' ତଥା ତାଙ୍କ ମୁଖବଂଶୀ କନ୍ୟାଙ୍କ ନାମ 'ଜଗଦମ୍ବା ସରସ୍ୱତୀ' ରଖିଛନ୍ତି । ଏହିପ୍ରକାର ଦେବତା କୁଳର ଅଧିକାଂଶ ଆତ୍ମା ମଧ୍ୟ ୫୦୦୦ ବର୍ଷରେ ୮୪ ଜନ୍ମ ନେଇଥା'ନ୍ତି । ଏଥିପାଇଁ ଭାରତରେ ଜନ୍ମ-ମରଣ ଚକ୍ରକୁ "ଚୌରାଶୀର ଚକ୍ର" କୁହାଯାଇଥାଏ ।

# ମନୁଷ୍ୟର ୮୪ ଜନ୍ମର ଅଦ୍ଭୁତ କାହାଣୀ



# ମନୁଷ୍ୟାତ୍ମା ୮୪ ଲକ୍ଷ ଯୋନି ଧାରଣ କରେ ନାହିଁ



# ମନୁଷ୍ୟାତ୍ମା ୮୪ ଲକ୍ଷ ଯୋନି ଧାରଣ କରେ ନାହିଁ

ବର୍ତ୍ତମାନ ସମୟରେ ସ୍ୱୟଂ ପରମପ୍ରିୟ ପରମପିତା ପରମାତ୍ମା ଶିବ ଜ୍ଞାନଦ୍ୱାରା ଯେପରି ଅନେକ ମଧୁର ରହସ୍ୟ ବୁଝାଉଛନ୍ତି, ତନ୍ମଧ୍ୟରୁ ଏକ ନୂତନ ତଥ୍ୟ ଏହା ଯେ ବାସ୍ତବରେ ମନୁଷ୍ୟାତ୍ମା ପଶୁଯୋନିରେ ଜନ୍ମ ନେଇନଥାଏ । ଏହା ଆମ ପାଇଁ ବଡ ଖୁସିର କଥା । କିନ୍ତୁ କେତେକ ଲୋକ ଏକଥା ସହିତ ଏକମତ ନୁହଁନ୍ତି, ବରଂ କହିଥା'ନ୍ତି ମନୁଷ୍ୟ ଆତ୍ମା ପଶୁ-ପକ୍ଷୀ ଇତ୍ୟାଦି ୮୪ ଲକ୍ଷ ଯୋନିରେ ଜନ୍ମ-ପୁନର୍ଜନ୍ମ ନେଇଥାଏ ।

ସେମାନେ କହନ୍ତି "କୌଣସି ଦେଶର ସରକାର ଯେପରି ଅପରାଧୀକୁ ଦଣ୍ଡ ଦେବାପାଇଁ ତା'ର ସ୍ୱତନ୍ତ୍ରତା ଉପରେ ହସ୍ତକ୍ଷେପ କରି କାରାଦଣ୍ଡ ଦେଇ ସମସ୍ତ ପ୍ରକାର ସୁଖ-ସୁବିଧାରୁ ବଞ୍ଚିତ କରିଦେଇଥା'ନ୍ତି, ସେପରି ମନୁଷ୍ୟ ଯଦି ପଶୁତୁଲ୍ୟ କର୍ମ କରେ, ତେବେ ତାକୁ ଦଣ୍ଡସ୍ୱରୂପ ପଶୁ-ପକ୍ଷୀ ଯୋନିରେ ଦୁଃଖ ଭୋଗ କରିବାକୁ ପଡିଥାଏ ।"

କିନ୍ତୁ ଏବେ ପରମପିତା ପରମାତ୍ମା ଶିବ କହୁଛନ୍ତି, 'ମନୁଷ୍ୟ ତା'ର ପାପ କର୍ମର ଫଳ ମନୁଷ୍ୟ ଯୋନିରେ ହିଁ ଭୋଗ କରିଥାଏ ।' ମନୁଷ୍ୟ ଖରାପ ଗୁଣ ଓ ସ୍ୱଭାବର ବଶବର୍ତ୍ତୀ ହୋଇ ପଶୁଠାରୁ ଅଧିକ ନ୍ୟୂନ କର୍ମ କରିଥାଏ ଏବଂ ପଶୁ-ପକ୍ଷୀଠାରୁ ମଧ୍ୟ ଅଧିକ ଦୁଃଖୀ ହୋଇଥାଏ, ମାତ୍ର ପଶୁ-ପକ୍ଷୀ ହୋଇ ଜନ୍ମ ହୋଇନଥାଏ । ଆମେ ଦେଖୁଛେ, ମନୁଷ୍ୟ ମୂକ-ବଧିର, ଅନ୍ଧ-ଛୋଟା, ବିକଳାଙ୍ଗ, ଚିରରୋଗୀ ତଥା କାଙ୍ଗାଳ ହୋଇଥା'ନ୍ତି, ମାତ୍ର କେତେକ ପଶୁ ମନୁଷ୍ୟଠାରୁ ଅଧିକ ସ୍ୱତନ୍ତ୍ରଭାବେ ଖୁସି ଓ ଆରାମରେ ରହିବାର ଦେଖାଯାଏ, ଯେଉଁମାନଙ୍କୁ କି ସୋଫାରେ ଶୋଇବାକୁ ମିଳୁଛି, ଦୁଧ-ଲହୁଣି ଖାଇବାକୁ ମିଳୁଛି, ଗାଡିରେ ବୁଲୁଛନ୍ତି ଆଉ ଆଦର ସ୍ନେହରେ ସେମାନଙ୍କର ପାଳନ ପୋଷଣ ହେଉଛି । କିନ୍ତୁ ଦୁନିଆରେ କେତେକ ଏପରି ବୁଭୁକ୍ଷିତ, ଅର୍ଦ୍ଧନଗ୍ନ, ବିକଳାଙ୍ଗ ଲୋକ ଜୀବନଯାପନ କରୁଛନ୍ତି ଏବଂ ଯଦି ସେମାନେ ହାତ ପାତି ପଇସେ, ଦୁଇପଇସା ମାଗନ୍ତି, ଅନେକେ ସେମାନଙ୍କୁ ଅପମାନିତ କରିଥା'ନ୍ତି । କେତେକ ମନୁଷ୍ୟ ଶୀତ କାକରରେ ଥରି ଥରି ଅଥବା ବ୍ୟାଧିଗ୍ରସ୍ତ ହୋଇ ରାସ୍ତା କଡରେ ପଡି ପ୍ରାଣ ହରାଇଥା'ନ୍ତି ଏବଂ କେତେକ ଅତ୍ୟନ୍ତ ବେଦନା ଓ ଦୁଃଖ ହେତୁ ଆତ୍ମହତ୍ୟା କରିଥା'ନ୍ତି । ଯେହେତୁ ଆମେ ଦେଖୁଛେ, ମନୁଷ୍ୟ ଯୋନିରେ ମଧ୍ୟ ପଶୁମାନଙ୍କଠାରୁ ଅଧିକ ଦୁଃଖ ମିଳୁଛି, ତେବେ କାହିଁକି ମନୁଷ୍ୟାତ୍ମାକୁ ପଶୁପକ୍ଷୀ ଯୋନିରେ ଜନ୍ମ ନେବାକୁ ପଡିବ ?

### ଯେପରି ମଞ୍ଜି ସେପରି ଗଛ


ଏହା ବ୍ୟତୀତ ପ୍ରତ୍ୟେକ ମନୁଷ୍ୟାତ୍ମାରେ ନିଜର ଜନ୍ମ ଜନ୍ମାନ୍ତରର ଅଭିନୟ ଅନାଦି କାଳରୁ ଗୁପ୍ତ ରୂପରେ ଭର୍ତ୍ତି ହୋଇରହିଛି । ଏଥିପାଇଁ ପ୍ରତ୍ୟେକ ମନୁଷ୍ୟାତ୍ମା ଅଲଗା ଅଲଗା ଗୁଣ-କର୍ମ ସ୍ୱଭାବ ଏବଂ କର୍ମଫଳଯୁକ୍ତ ହୋଇଥା'ନ୍ତି । ମନୁଷ୍ୟାତ୍ମାର ଗୁଣ-କର୍ମ-ସ୍ୱଭାବ ଓ ଅଭିନୟ ଅନ୍ୟ ଯୋନିର ଆତ୍ମାର ଗୁଣ-କର୍ମ-ସ୍ୱଭାବ ଠାରୁ ଅନାଦି କାଳରୁ ଭିନ୍ନ ଅଟେ । ଯେପରି ଆମ୍ବଟାକୁଆ ଲଗାଇଲେ ପଣସ ଫଳିନଥାଏ, କିନ୍ତୁ 'ଯେପରି ମଞ୍ଜି ସେପରି ଗଛ' ହୋଇଥାଏ, ଠିକ୍ ସେହିପରି ମନୁଷ୍ୟାତ୍ମା ଅଲଗା ଶ୍ରେଣୀଭୁକ୍ତ । ତେଣୁ ମନୁଷ୍ୟାତ୍ମା ୮୪ ଲକ୍ଷ ଯୋନିରେ ଜନ୍ମ ନେଇନଥାଏ । କିନ୍ତୁ ସାରା କଳ୍ପରେ ମନୁଷ୍ୟ ଯୋନିରେ ଅଧିକରୁ ଅଧିକ ୮୪ ଜନ୍ମ-ପୁନର୍ଜନ୍ମ ନେଇ ନିଜ ନିଜର କର୍ମାନୁସାରେ ସୁଖ-ଦୁଃଖ ଭୋଗିଥାଏ ।

### ଯଦି ମନୁଷ୍ୟାତ୍ମା ପଶୁ ଯୋନିରେ ପୁନର୍ଜନ୍ମ ନେଉଥା'ନ୍ତା ତେବେ ଜନସଂଖ୍ୟା ବଢୁନଥା'ନ୍ତା ।

ଆପଣ ନିଜେ ବିଚାର କରନ୍ତୁ, ଯଦି ଖରାପ କର୍ମହେତୁ ମନୁଷ୍ୟାତ୍ମାର ପୁନର୍ଜନ୍ମ ପଶୁ ଯୋନିରେ ହେଉଥାଆନ୍ତା ତେବେ ପ୍ରତିବର୍ଷ ଜନସଂଖ୍ୟା ବଢୁନଥା'ନ୍ତା ବରଂ କମ୍ ହେଉଥା'ନ୍ତା । କାହିଁକିନା ଆଜି ଦୁନିଆରେ ସମସ୍ତେ ବିକାରର ବଶବର୍ତ୍ତୀ ହୋଇ କର୍ମ କରୁଥିବାରୁ ବିକର୍ମ ହେଉଛି ଏବଂ ସମସ୍ତେ ପଶୁ-ପକ୍ଷୀ ଯୋନିରେ ଜନ୍ମ ନେଉଥା'ନ୍ତେ, କିନ୍ତୁ ଦେଖାଯାଉଛି ଜନସଂଖ୍ୟା ବଢ଼ି ଚାଲିଛି । ଏଥିରୁ ସ୍ପଷ୍ଟ ହେଉଛି, ମନୁଷ୍ୟାତ୍ମା ପଶୁ-ପକ୍ଷୀ, କୀଟ-ପତଙ୍ଗ ଆଦି ଯୋନିରେ ପୁନର୍ଜନ୍ମ ନେଉନାହାନ୍ତି ।

# ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ

## (ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ସ୍ଥାନ, ଆବୁ ପର୍ବତ)




(ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ-ବିଦ୍ୟାଳୟର ମୁଖ୍ୟାଳୟ- ଆବୁ ପର୍ବତ । ବର୍ତ୍ତମାନ ସମୟରେ ଏହାର ୯୦୦୦ ଜ୍ଞାନ ଯୋଗ ସେବାକେନ୍ଦ୍ର ସାରା ଭାରତ ଓ ଭାରତ ବାହାରେ ଅବସ୍ଥିତ ।)

ଏହି ପଥପ୍ରଦର୍ଶନୀ ପୁସ୍ତିକାରେ ଯେଉଁ ଈଶ୍ୱରୀୟ ଜ୍ଞାନ ଓ ସହଜ ରାଜଯୋଗ ଲିପିବଦ୍ଧ କରାଯାଇଛି ତାହାର ବିସ୍ତାରପୂର୍ବକ ଶିକ୍ଷା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଦିଆଯାଇଥାଏ । ଉପରୋକ୍ତ ଫଟୋ ଏହାର ମୁଖ୍ୟ କାର୍ଯ୍ୟାଳୟ ତଥା ମୁଖ୍ୟ ଶିକ୍ଷାସ୍ଥଳୀର ଦୃଶ୍ୟ । ଏହି ଈଶ୍ୱରୀୟ-ବିଶ୍ୱ ବିଦ୍ୟାଳୟର ସ୍ଥାପନା ପରମପ୍ରିୟ ପରମପିତା ପରମାତ୍ମା ଜ୍ୟୋତିର୍ବିନ୍ଦୁ ଶିବ ସନ ୧୯୩୭ରେ ହାଇଦ୍ରାବାଦର ସିନ୍ଧୁ ପ୍ରଦେଶରେ କରିଥିଲେ । ପରମପିତା ଶିବ ପରମଧାମ ଅର୍ଥାତ୍ ବ୍ରହ୍ମଲୋକରୁ ଅବତରିତ ହୋଇ ଏକ ସାଧାରଣ ଓ ବୃଦ୍ଧ ମନୁଷ୍ୟ ଶରୀରରେ ପ୍ରବେଶ କରିଥିଲେ । କାରଣ କୌଣସି ମାନବ ମୁଖର ପ୍ରୟୋଗ ବିନା ନିରାକାର ପରମାତ୍ମା କିପରି ବା ଜ୍ଞାନ ଦେଇଥା'ନ୍ତେ ?

ଜ୍ଞାନ ଓ ସହଜ ଯୋଗଦ୍ୱାରା ସତ୍ୟଯୁଗର ସ୍ଥାପନା ପାଇଁ ଜ୍ୟୋତିର୍ବିନ୍ଦୁ ଶିବ ଯେଉଁ ମନୁଷ୍ୟ ଶରୀରରେ 'ଦିବ୍ୟ ପ୍ରବେଶ', 'ଅବତରଣ', 'ପରକାୟା ପ୍ରବେଶ' ଅଥବା 'ଦିବ୍ୟଜନ୍ମ' ଗ୍ରହଣ କରିଥିଲେ । ତାଙ୍କର କର୍ତ୍ତବ୍ୟବାଚକ ଅଲୌକିକ ନାମ ରଖିଥିଲେ - 'ପ୍ରଜାପିତା ବ୍ରହ୍ମା' । ତାଙ୍କର ମୁଖନିଃସୃତ ଜ୍ଞାନ ଓ ଯୋଗ ଶିକ୍ଷା କରି ବ୍ରହ୍ମଚର୍ଯ୍ୟ ବ୍ରତ ତଥା ପୂର୍ଣ୍ଣ ପବିତ୍ରତାର ବ୍ରତରେ ବ୍ରତୀ ନର-ନାରୀଙ୍କୁ ମୁଖବଂଶୀ ବ୍ରାହ୍ମଣ ତଥା ବ୍ରାହ୍ମଣୀ ଅଥବା ବ୍ରହ୍ମାକୁମାର ବ୍ରହ୍ମାକୁମାରୀ କୁହାଯାଇଥାଏ । କାହିଁକିନା ସେମାନଙ୍କର ଆଧ୍ୟାତ୍ମିକ ନବ ଜୀବନ ପରମାତ୍ମାଙ୍କ ଦ୍ୱାରା ବ୍ରହ୍ମାଙ୍କ ଶ୍ରୀ-ମୁଖରୁ ନିଃସୃତ ଜ୍ଞାନ ଦ୍ୱାରା ହୋଇଥାଏ ।

ପରମପିତା ଶିବ ତ' ତ୍ରିକାଳଦର୍ଶୀ ଅଟନ୍ତି । ସେ ପ୍ରଜାପିତା ବ୍ରହ୍ମାଙ୍କ ଜନ୍ମ-ଜନ୍ମାନ୍ତରର ଜୀବନ କାହାଣୀରୁ ଜାଣିଥିଲେ ଯେ ପ୍ରଜାପିତା ବ୍ରହ୍ମା ସତ୍ୟଯୁଗ ଆରମ୍ଭରେ ପୂଜ୍ୟ ଶ୍ରୀନାରାୟଣ ଥିଲେ ଏବଂ ସମୟଚକ୍ରରେ କଳା ହ୍ରାସ ପାଇ ଏହି ଅବସ୍ଥାକୁ ଆସିଛନ୍ତି । ଏଣୁ ଏହାଙ୍କ ଶରୀରରେ ପ୍ରବେଶ କରି ସେ ୧୯୩୭ରେ ଏହି ଅବିନାଶୀ ଜ୍ଞାନ-ଯଜ୍ଞର ଅଥବା ଈଶ୍ୱରୀୟ ବିଶ୍ୱ-ବିଦ୍ୟାଳୟର ୫୦୦୦ ବର୍ଷ ପୂର୍ବଭଳି ପୁର୍ନସ୍ଥାପନା କଲେ । ଏହି ପ୍ରଜାପିତା ବ୍ରହ୍ମାଙ୍କୁ ହିଁ ମହାଭାରତ ଭାଷାରେ 'ଭଗବାନଙ୍କର ରଥ' ମଧ୍ୟ କୁହାଯାଇପାରେ ବା ଜ୍ଞାନଗଙ୍ଗା ଆଣିବା ପାଇଁ ଭଗୀରଥ ବା ଶିବଙ୍କର ବାହନ ନନ୍ଦିଗଣ ମଧ୍ୟ କୁହାଯାଇପାରେ ।

| ପିତା-ଶ୍ରୀ ବ୍ରହ୍ମା | ଜଗଦମ୍ବା ସରସ୍ୱତୀ |
|---|---|
|  |  |
| *(ଯାହାଙ୍କର ମାଧ୍ୟମ ନେଇ ପରମାତ୍ମା ଶିବ ଜ୍ଞାନ ଦେଲେ)* | *(ଯିଏ ଜ୍ଞାନ-ବୀଣା ବଜାଇ ଆତ୍ମିକ ଜାଗୃତି ଆଣିଲେ)* |

ଯେଉଁ ମନୁଷ୍ୟ ଶରୀରରେ ପରମାତ୍ମା ଶିବ ପ୍ରବେଶ କଲେ, ସେ କୋଲକତାର ଏକ ବିଖ୍ୟାତ ହୀରା ବ୍ୟବସାୟୀ ଥିଲେ ଏବଂ ନାରାୟଣଙ୍କର ଅନନ୍ୟ ଭକ୍ତ ମଧ୍ୟ । ତାଙ୍କଠାରେ ଉଦାରତା, କଲ୍ୟାଣକାରୀ ଭାବନା, ବ୍ୟାବହାରିକ କୁଶଳତା, ରାଜକୁଳୋଚିତ ଶାଳୀନତା ଏବଂ ପ୍ରଭୁ ମିଳନର ଅତିଶୟ ଉତ୍କଣ୍ଠା ଥିଲା । ତାଙ୍କର ସମ୍ବନ୍ଧ ରାଜା ମହାରାଜାମାନଙ୍କ ସହିତ ଥିଲା । ସମାଜର ମୁଖିଆଙ୍କ ଠାରୁ ନେଇ ସାଧାରଣ ନିମ୍ନ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ସେ ଖୁବ୍ ପରିଚିତ ଥିଲେ । ମୋଟାମୋଟି ଭାବେ ସେ ଖୁବ୍ ଅନୁଭବୀ ଥିଲେ ଏବଂ ତାଙ୍କର ଭକ୍ତିର ପରାକାଷ୍ଠା ତଥା ବୈରାଗ୍ୟର ଅନୁକୂଳ ଭୂମିକା ଥିଲା ।

ଅନ୍ୟଥା ଗୃହକୁ ଆଶ୍ରମ ସଦୃଶ ଦିବ୍ୟ କରି ଗଢିବା ପାଇଁ ପ୍ରବୃତ୍ତି ମାର୍ଗରେ ଜଡିତ ବ୍ୟକ୍ତିର ମାଧ୍ୟମ ନେବା ଯଥାର୍ଥ ଥିଲା । ଏହି ପ୍ରକାର ଅନେକ କାରଣରୁ **ତ୍ରିକାଳଦର୍ଶୀ ପରମପିତା ଶିବ** ତାହାଙ୍କ ଶରୀରରେ ପ୍ରବେଶ କଲେ ଏବଂ ଜ୍ଞାନ-ଯୋଗର ଶିକ୍ଷା ଦେଲେ । ଏହି ଶିକ୍ଷା ଗ୍ରହଣ କରି ସମସ୍ତ ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀମାନଙ୍କ ଭିତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଆତ୍ମାଙ୍କର ଅଲୌକିକ ନାମ ସ୍ୱୟଂ ପରମାତ୍ମା ରଖିଥିଲେ 'ଜଗଦମ୍ବା ସରସ୍ୱତୀ' । ସେ ଥିଲେ 'ଯଜ୍ଞ ମାତା' । ସେ ଜ୍ଞାନ-ବୀଣା ବାଦନ କରି ପ୍ରତ୍ୟେକଙ୍କୁ ପ୍ରଭୁ ପରିଚୟ ଦେଇ ଆଧ୍ୟାତ୍ମିକ ଜାଗୃତି ଆଣିଥିଲେ । ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିଥିଲେ ଏବଂ ସହଜ ରାଜଯୋଗ ଦ୍ୱାରା ଅଗଣିତ ମନୁଷ୍ୟାତ୍ମାଙ୍କର ଜ୍ୟୋତି ଜାଗ୍ରତ କରାଇଥିଲେ । ଜଗତ ସମ୍ମୁଖରେ ପ୍ରଜାପିତା ବ୍ରହ୍ମା ଓ ଜଗଦମ୍ବା ସରସ୍ୱତୀ ଆଦର୍ଶ ପବିତ୍ର ଦିବ୍ୟଜୀବନର ଜ୍ୱଳନ୍ତ ନିଦର୍ଶନ ।

# ସୃଷ୍ଟି-ନାଟକର ରଚୟିତା ଓ ନିର୍ଦ୍ଦେଶକ କିଏ ?

ଏହି ମନୁଷ୍ୟ-ସୃଷ୍ଟି ପ୍ରକୃତି - ପୁରୁଷର ଏକ ଅନାଦି ଖେଳ । ଏହାର ବାସ୍ତବ କାହାଣୀକୁ ଜାଣିଲେ ମନୁଷ୍ୟାତ୍ମା ବହୁତ ଆନନ୍ଦ ପ୍ରାପ୍ତ କରିପାରିବ ।

**ସୃଷ୍ଟିରୂପୀ ନାଟକର ଚାରିଟି ଦୃଶ୍ୟ :** ସଂଲଗ୍ନ ଚିତ୍ରରେ ଦେଖାଇ ଦିଆଯାଇଛି, ସ୍ୱସ୍ତିକ ଚିହ୍ନ ସୃଷ୍ଟିଚକ୍ରକୁ ଚାରି ଭାଗରେ ବିଭକ୍ତ କରୁଛି, ଯଥା- ସତ୍ୟଯୁଗ, ତ୍ରେତୟାଯୁଗ, ଦ୍ୱାପରଯୁଗ ଓ କଳିଯୁଗ ।

ସୃଷ୍ଟିନାଟକରେ ପ୍ରତ୍ୟେକ ଆତ୍ମା ଏକ ନିର୍ଦ୍ଦିଷ୍ଟ ସମୟରେ ପରମଧାମରୁ ଏହି ସୃଷ୍ଟିରୂପୀ ରଙ୍ଗମଞ୍ଚକୁ ଆସିଥାଏ । ସର୍ବପ୍ରଥମେ ସତ୍ୟଯୁଗ ଓ ତ୍ରେତୟାଯୁଗର ସୁନ୍ଦର ଦୃଶ୍ୟ ଆସିଥାଏ ଏବଂ ଏହି ଦୁଇ ଯୁଗର ସୁଖ ପୂର୍ଣ୍ଣ ସୃଷ୍ଟିରେ ' ଆଦି ସନାତନ ଦେବୀ ଦେବତା ଧର୍ମବଂଶ' ମନୁଷ୍ୟାତ୍ମାଙ୍କର ଅଭିନୟ ଚାଲିଥାଏ ଆଉ ଅନ୍ୟ ସବୁ ଧର୍ମ ବଂଶର ଆତ୍ମାଗଣ ପରମଧାମରେ ଥାଆନ୍ତି । ଏହି ଦୁଇ ଯୁଗରେ କେବଳ ନିଜ ନିଜର ପବିତ୍ରତା ମାନଦଣ୍ଡ ଅନୁସାରେ କ୍ରମାନ୍ୱୟରେ ସୃଷ୍ଟି ମଞ୍ଚକୁ ଆସିଥାନ୍ତି । ଏଥିପାଇଁ ସତ୍ୟ, ତ୍ରେତୟାରେ ସମସ୍ତେ ଅଦ୍ୱୈତ ଓ ମିତ୍ର ସ୍ୱଭାବଯୁକ୍ତ ଆତ୍ମା ହୋଇଥାନ୍ତି ।

ଦ୍ୱାପର ଯୁଗରେ ଏହି ଧର୍ମର ରଜୋଗୁଣୀ ଅବସ୍ଥା ହୋଇଯିବାରୁ ଇବ୍ରାହିମ୍‌ଙ୍କ ଦ୍ୱାରା ଇସଲାମ୍ ଧର୍ମର ବଂଶ, ବୁଦ୍ଧଙ୍କ ଦ୍ୱାରା ବୌଦ୍ଧଧର୍ମର ବଂଶ ଏବଂ ଇସାଙ୍କ ଦ୍ୱାରା ଇସାଇ ଧର୍ମର ସ୍ଥାପନା ହୋଇଥାଏ । ଏଣୁ ଏହି ଚାରି ମୁଖ୍ୟ ବଂଶର ପିତା ସଂସାରର ମୁଖ୍ୟ ଅଭିନେତା (Principal Actor) ଅଟନ୍ତି ଏବଂ ଏହି ଚାରି ଧର୍ମର ଶାସ୍ତ୍ର ହିଁ ମୁଖ୍ୟ ଶାସ୍ତ୍ର । ଏହା ବ୍ୟତୀତ ସନ୍ନ୍ୟାସଧର୍ମର ସ୍ଥାପକ ଶଙ୍କରାଚାର୍ଯ୍ୟ, ମୁସଲମାନ (ମହମ୍ମଦୀ) ଧର୍ମବଂଶର ସ୍ଥାପକ ମହମ୍ମଦ ତଥା ଶିଖ ଧର୍ମର ସ୍ଥାପକ ନାନକ ମଧ୍ୟ ଏହି ବିଶ୍ୱ ନାଟକର ମୁଖ୍ୟ ଅଭିନେତାମାନଙ୍କ ମଧ୍ୟରେ ଅନ୍ୟତମ, ମାତ୍ର ପ୍ରଥମ ଚାରି ଧର୍ମ ଉପରେ ଏହି ବିଶ୍ୱନାଟକ ଆଧାରିତ । ଅନେକ ମତ ମତାନ୍ତର କାରଣରୁ ଦ୍ୱାପର ଓ କଳିଯୁଗ ସୃଷ୍ଟିରେ ଦ୍ୱୈତଭାବ, ଲଢେଇ- ଝଗଡା ତଥା ଦୁଃଖ ଅଶାନ୍ତି ଦେଖା ଦେଇଥାଏ ।

କଳିଯୁଗ ଶେଷରେ ଯେତେବେଳେ ଅତି ଧର୍ମଗ୍ଲାନି ହୋଇଥାଏ ଅର୍ଥାତ୍ ବିଶ୍ୱର ସର୍ବପ୍ରଥମ 'ଆଦି ସନାତନ ଦେବୀ ଦେବତା ଧର୍ମ' ପ୍ରାୟ ଲୁପ୍ତ ହୋଇ ଯାଇଥାଏ ଏବଂ ମନୁଷ୍ୟ ଖୁବ୍ ପତିତ ହୋଇ ଯାଇଥାଏ, ସେତେବେଳେ ଏହି ସୃଷ୍ଟି ନାଟକର ରଚୟିତା ତଥା ନିର୍ଦ୍ଦେଶକ (Creator & Director) ପରମପିତା ପରମାତ୍ମା ଶିବ ପ୍ରଜାପିତା ବ୍ରହ୍ମାଙ୍କ ଶରୀରରେ ସ୍ୱୟଂ ଅବତରିତ ହୋଇଥାନ୍ତି । ସେ ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ମୁଖବଂଶୀ କନ୍ୟା 'ବ୍ରହ୍ମାକୁମାରୀ ସରସ୍ୱତୀ' ତଥା ଅନ୍ୟ ବ୍ରାହ୍ମଣ ଓ ବ୍ରାହ୍ମଣୀମାନଙ୍କୁ ରଚନା କରିଥାନ୍ତି ଏବଂ ସେମାନଙ୍କ ଦ୍ୱାରା ସ୍ୱୟଂ ପରମାତ୍ମା ଶିବ ସମସ୍ତଙ୍କୁ ଅଲୌକିକ ମାତା ପିତା ରୂପରେ ମିଳିଥାନ୍ତି ତଥା ଜ୍ଞାନଦ୍ୱାରା ମାର୍ଗ ପ୍ରଦର୍ଶନ କରାଇଥାନ୍ତି ଏବଂ ମୁକ୍ତି ଓ ଜୀବନମୁକ୍ତିର ଈଶ୍ୱରୀୟ ଜନ୍ମସିଦ୍ଧ ଅଧିକାର ଦେଇଥାନ୍ତି । ଏଣୁ ପ୍ରଜାପିତା ବ୍ରହ୍ମା ତଥା ଜଗଦମ୍ବା ସରସ୍ୱତୀ ଯାହାଙ୍କୁ 'ଆଦମ୍' ତଥା 'ଈଭ୍' ଅଥବା 'ଆଦମ' ଓ 'ହବ୍‌ବା' ମଧ୍ୟ କୁହାଯାଇଥାଏ । ସେମାନେ ଏହି ସୃଷ୍ଟି ନାଟକର ନାୟକ ଓ ନାୟିକା ଅଟନ୍ତି, କାହିଁକି ନା ଏମାନଙ୍କ ଦ୍ୱାରା ସ୍ୱୟଂ ପରମପିତା ପରମାତ୍ମା ଶିବ ପୃଥିବୀ ଉପରେ ସ୍ୱର୍ଗ ସ୍ଥାପନ କରିଥାନ୍ତି । କଳିଯୁଗ ଶେଷ ଓ ସତ୍ୟଯୁଗ ଆରମ୍ଭର ଏହି ସଂଗମ ଯୁଗରେ ଯେତେବେଳେ ପରମାତ୍ମା ଅବତରଣ କରିଥାନ୍ତି ତାହା ଅତି ମହତ୍ତ୍ୱପୂର୍ଣ୍ଣ ।

**ବିଶ୍ୱର ଇତିହାସ ଓ ଭୂଗୋଳର ପୁନରାବୃତ୍ତି :** ପାର୍ଶ୍ୱସ୍ଥ ଚିତ୍ରରେ ଦେଖାଇ ଦିଆଯାଇଛି ଯେ କଳିଯୁଗ ଶେଷରେ ପରମପିତା ପରମାତ୍ମା ଶିବ ଯେତେବେଳେ ମହାଦେବ ଶଙ୍କରଙ୍କ ଦ୍ୱାରା ସୃଷ୍ଟିର ମହାବିନାଶ କରାଇଥାନ୍ତି ସେତେବେଳେ ପ୍ରାୟ ସବୁ ଆତ୍ମାରୂପୀ ଅଭିନେତା ନିଜର ପ୍ରିୟ ଦେଶ ଅର୍ଥାତ୍ ମୁକ୍ତିଧାମକୁ ଫେରି ଯାଇଥାନ୍ତି ଏବଂ ପୁଣି ସତ୍ୟଯୁଗ ଆରମ୍ଭରେ 'ଆଦି ସନାତନ ଦେବୀ ଦେବତା ଧର୍ମ'ର ମୁଖ୍ୟ ମନୁଷ୍ୟାତ୍ମା ଏହି ସୃଷ୍ଟି ମଞ୍ଚ ଉପରକୁ ଆସିବା ଆରମ୍ଭ କରି ଦେଇଥାନ୍ତି । ପୁଣି ୨୫୦୦ ବର୍ଷ ପରେ ଇସଲାମ ଧର୍ମର ଆତ୍ମାଗଣ, ପୁଣି ଇସାଇ ଧର୍ମ ଓ ବୌଦ୍ଧ ଧର୍ମର ଆତ୍ମାଗଣ, ନିଜ ନିଜର ସମୟାନୁଯାୟୀ ସୃଷ୍ଟିମଞ୍ଚକୁ ଆସି ଅନାଦି ତଥା ପୂର୍ବ ନିଶ୍ଚିତ ଅଭିନୟ କରିଥାନ୍ତି ଏବଂ ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଓ ଲୌହ ଚାରି ଅବସ୍ଥା ଦେଇ ଗତି କରିଥାନ୍ତି । ଏହି ପ୍ରକାର ଏ ଅନାଦି-- ନିଶ୍ଚିତ ସୃଷ୍ଟି ନାଟକ ଅନାଦି କାଳରୁ ପ୍ରତି ୫୦୦୦ ବର୍ଷ ପରେ ପୂର୍ବଭଳି ପୁନରାବୃତ୍ତି ହୋଇଥାଏ ।

# ସୃଷ୍ଟି-ନାଟକର ରଚୟିତା ଓ ନିର୍ଦ୍ଦେଶକ କିଏ ?

# सृष्टि-चक्र

# WORLD-DRAMA WHEEL




# एक अद्‌भुत रहस्य

**आप यहाँ पहली बार ही नहीं आए, आप 5000 वर्ष पूर्व भी इसी स्थान पर, इसी समय इस प्रकार से आए थे, अब आए हैं और हर 5000 वर्ष पश्चात् आते रहेंगे। क्योंकि इस सृष्टि रूपी नाटक की हर 5000 वर्ष पश्चात् हूबहू पुनरावृत्ति होती है।**

କଳିଯୁଗ ଏବେ ପିଲା ନୁହେଁ, ବରଂ ବୁଢ଼ା ହୋଇଗଲାଣି । ଏହାର ବିନାଶ ନିକଟ ହୋଇ ଆସିଲାଣି, ସତ୍ୟଯୁଗ ଆଗତ ପ୍ରାୟ ।



# କଳିଯୁଗ ଏବେ ପିଲା ନୁହେଁ, ବରଂ ବୁଢ଼ା ହୋଇଗଲାଣି

## (ଏହାର ବିନାଶ ନିକଟ ହୋଇ ଆସିଲାଣି, ସତ୍ୟଯୁଗ ଆଗତ ପ୍ରାୟ)

ଅନେକଙ୍କର ମତ, ''କଳିଯୁଗ ଏବେ ଛୋଟ ପିଲାଟିଏ ହୋଇଛି, ଆହୁରି ଲକ୍ଷେ ବର୍ଷ ରହିବ। ଶାସ୍ତ୍ର ଅନୁସାରେ ସୃଷ୍ଟିର ମହାବିନାଶ ଡେରି ଅଛି।'' କିନ୍ତୁ ଏବେ ପରମପିତା ପରମାତ୍ମା କହୁଛନ୍ତି, କଳିଯୁଗ ବର୍ତ୍ତମାନ ଅନ୍ତିମ ଅବସ୍ଥାରେ ପହଞ୍ଚିଲାଣି। ସୃଷ୍ଟିର ମହାବିନାଶ ସମୟ ନିକଟ ହୋଇ ଆସିଲାଣି। ସମସ୍ତେ ଅନୁଭବ କରୁଛନ୍ତି ଯେ ଏହି ମନୁଷ୍ୟ ସୃଷ୍ଟି କାମ, କ୍ରୋଧ, ଲୋଭ, ମୋହ ତଥା ଅହଂକାର ଅଗ୍ନିରେ ଜଳୁଛି। ସୃଷ୍ଟିର ମହାବିନାଶ ପାଇଁ ଆଟମ୍‌ବମ୍, ହାଇଡ୍ରୋଜେନ୍ ବମ୍ ଆଦି ତିଆରି ହୋଇ ସାରିଛି। ଯଦି ଏବେ ବି କେହି କହୁଥାଏ, ମହାବିନାଶ ଡେରି ଅଛି, ତେବେ ସେ ଘୋର ଅଜ୍ଞାନରେ ପଡିଛି ଅର୍ଥାତ୍ କୁମ୍ଭକର୍ଣ୍ଣରୂପୀ ନିଦ୍ରାରେ ଶୋଇଛି। ଏହାଦ୍ୱାରା ସେ ନିଜର ଅକଲ୍ୟାଣ ହିଁ କରୁଛି। ବର୍ତ୍ତମାନ ପରମପିତା ପରମାତ୍ମା ଶିବ ଧରାଧାମରେ ଅବତରିତ ହୋଇ ଜ୍ଞାନ-ଅମୃତ ପିଆଉଥିବା ସମୟରେ, ସେଥିରୁ ସେ ବଞ୍ଚିତ ହେଉଛି।

ଆଜି ବୈଜ୍ଞାନିକଗଣ ଓ ବିଶେଷଜ୍ଞମାନେ କହନ୍ତି ଯେ ଜନସଂଖ୍ୟା ଯେପରି ଦ୍ରୁତଗତିରେ ବଢିଚାଲିଛି, ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ସେହି ପରିମାଣରେ ହେଉନାହିଁ। ସେଥିପାଇଁ ସେମାନେ ଏକ ଭୟଙ୍କର ଅପ୍ରତ୍ୟାଶିତ ମହାବିନାଶ ହେବାର ଘୋଷଣା କରୁଛନ୍ତି। ପୁନଶ୍ଚ, ବାତାବରଣ ମଧ୍ୟ ଅତ୍ୟନ୍ତ କଳୁଷିତ ହେବାରେ ଲାଗିଛି। ପେଟ୍ରୋଲ, କୋଇଲା ଆଦି ଇନ୍ଧନଶକ୍ତି ଅଳ୍ପ କେତେ ବର୍ଷ ମଧ୍ୟରେ ବୈଜ୍ଞାନିକମାନେ ଶେଷ ହୋଇଯିବାର ଆଶଙ୍କା ମଧ୍ୟ କରୁଛନ୍ତି। ଆଜି କେବଳ ଋଷ ଓ ଆମେରିକା ପାଖରେ ୧୨ ଲକ୍ଷ ଆଟମ୍‌ବମ୍‌ରୂପୀ ଆଣବିକ ଅସ୍ତ୍ର ଗଚ୍ଛିତ ଅଛି। ଏତଦ୍‌ବ୍ୟତୀତ ଆଜିର ଜୀବନ ଏପରି ବିକାରଯୁକ୍ତ ଓ କଳୁଷିତ ହୋଇଗଲାଣି ଯେ ଏବେ କଳିଯୁଗକୁ କୋଟିଏ ବର୍ଷ ପରମାୟୁ ଦେବା ଅର୍ଥ ଏସବୁ ପ୍ରତି ଆଖି ବନ୍ଦ କରିଦେବା ସଙ୍ଗେ ସମାନ। କିନ୍ତୁ ସମସ୍ତଙ୍କର ମନେ ରଖିବା ଦରକାର, ପରମାତ୍ମା ଅଧର୍ମର ମହାବିନାଶ ପୂର୍ବରୁ ଦୈବୀ ଧର୍ମର ପୁନଃସ୍ଥାପନା ମଧ୍ୟ କରାଇଥାନ୍ତି।

ସୁତରାଂ ସମସ୍ତେ ଜାଣିରଖିବା କଥା ଯେ ପରମପ୍ରିୟ ପରମପିତା ପରମାତ୍ମା ଶିବ ସତ୍ୟଯୁଗର ପବିତ୍ର ଓ ଦୈବୀସୃଷ୍ଟିର ପୁନଃସ୍ଥାପନା କରାଉଛନ୍ତି। ସେ ମନୁଷ୍ୟକୁ ଦେବତା ତଥା ପତିତମାନଙ୍କୁ ପାବନ କରାଉଛନ୍ତି। ଆମେ ତାଙ୍କ ଦ୍ୱାରା ପ୍ରଦତ୍ତ ସହଜ ରାଜଯୋଗ ତଥା ଜ୍ଞାନରୂପୀ ଅମୂଲ୍ୟ ବିଦ୍ୟା ଶିକ୍ଷା କରି ଜୀବନକୁ ପବିତ୍ର, ସତ୍ତ୍ୱପ୍ରଧାନ, ଦିବ୍ୟ ତଥା ଆନନ୍ଦ କରିବା ପାଇଁ ସର୍ବୋତ୍ତମ ପୁରୁଷାର୍ଥ କରିବା ଦରକାର। ଯିଏ ଏକଥା ଭାବି ବସିଛନ୍ତି, କଳିଯୁଗ ଆହୁରି ଲକ୍ଷେ ବର୍ଷ ବାକି ଅଛି, ସେ ନିଜର ସୌଭାଗ୍ୟ ହରାଉଛନ୍ତି।

ଏବେ କଳିଯୁଗୀ ସୃଷ୍ଟି ଶେଷ ନିଃଶ୍ୱାସ ନେଉଛି ଅର୍ଥାତ୍ ତା'ର ମୃତ୍ୟୁ ସନ୍ନିକଟ। କାମ, କ୍ରୋଧ, ଲୋଭ, ମୋହ ଓ ଅହଂକାରରୂପୀ ରୋଗ ଦ୍ୱାରା ସେ ପୀଡିତ। ଏଣୁ ଏହି ସୃଷ୍ଟିର ଆୟୁ ଅନନ୍ତକାଳ ମାନିବା ଭୁଲ୍ ଏବଂ କଳିଯୁଗକୁ ଏବେ ଶିଶୁ ବିଚାର କରି ଅଜ୍ଞାନ ନିଦ୍ରାରେ ଶୋଇଥିବା ଲୋକେ 'କୁମ୍ଭକର୍ଣ୍ଣ' ଅଟନ୍ତି। ଯିଏ ଏହି ଈଶ୍ୱରୀୟ ବାର୍ତ୍ତାକୁ ଏ କାନରେ ଶୁଣି ସେ କାନରେ ବାହାର କରିଦେଉଛି, ତା'ର କାନ କୁମ୍ଭ ସଦୃଶ, କାହିଁକି ନା କୁମ୍ଭ ବୁଦ୍ଧିହୀନ ହୋଇଥାଏ।

# ରାବଣର କ'ଣ ଦଶଟି ମୁଣ୍ଡ ଥିଲା, ରାବଣ କାହାର ପ୍ରତୀକ ?

ଭାରତବାସୀ ପ୍ରତିବର୍ଷ ରାବଣର ପ୍ରତିମୂର୍ତ୍ତି ଜଳାଇଥାନ୍ତି । ସେମାନଙ୍କର ବିଶ୍ୱାସ, ଜଣେ ଦଶମୁଣ୍ଡିଆ ରାବଣ ଶ୍ରୀଲଙ୍କାର ରାଜା ଥିଲା । ସେ ବହୁତ ଶକ୍ତିଶାଳୀ ରାକ୍ଷସ ଯିଏ କି ସୀତାଙ୍କୁ ଅପହରଣ କରିଥିଲା । ଏକଥା ମଧ୍ୟ ମାନି ନେଇଥାନ୍ତି ଯେ ରାବଣ ଜଣେ ମହାନ୍ ବିଦ୍ୱାନ ଥିଲା । ସେଥିପାଇଁ ରାବଣ ହାତରେ ବେଦଶାସ୍ତ୍ର ଦେଖାଇଥାନ୍ତି, ତତ୍ ସହିତ ତା'ର ମସ୍ତକ ଉପରେ ଏକ ଗଧର ମୁଣ୍ଡ ଦର୍ଶାଇଥାନ୍ତି । ଯାହାର ତାତ୍ପର୍ଯ୍ୟ ହେଉଛି, ରାବଣ ଖୁବ୍ ଜିଦ୍‌ଖୋର ଓ ବୁଦ୍ଧିହୀନ । କିନ୍ତୁ ଏବେ ପରମପିତା ପରମାତ୍ମା ଶିବ କହୁଛନ୍ତି, ରାବଣ ଏକ ଦଶମୁଣ୍ଡଯୁକ୍ତ ରାକ୍ଷସ ନୁହେଁ । ବାସ୍ତବରେ ରାବଣ ଦଶବିକାରର ପ୍ରତୀକ ମାତ୍ର । ଏହାର ଦଶମୁଣ୍ଡ, ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ପାଞ୍ଚ-ପାଞ୍ଚ ବିକାରକୁ ପ୍ରକଟ କରେ । ଆଉ ଏହାର ତୁଳନା ଏପରି ଏକ ସମାଜର ପ୍ରତିରୂପ ଯେଉଁଠି ସ୍ତ୍ରୀ-ପୁରୁଷ ସେହି ପ୍ରକାରର ବିକାରୀ ହୋଇଥିବେ । ଏହି ସମାଜର ଲୋକେ ବହୁତ ଗ୍ରନ୍ଥ, ଶାସ୍ତ୍ର ପଢିଥାଇ ପାରନ୍ତି ତଥା ବିଜ୍ଞାନରେ ଉଚ୍ଚଶିକ୍ଷା ପ୍ରାପ୍ତ କରିଥାଇ ପାରନ୍ତି, କିନ୍ତୁ ସେମାନେ ହିଂସା ଓ ଅନ୍ୟ ବିକାରରୁ ମୁକ୍ତ ହୋଇନଥାନ୍ତି । ସେଥିପାଇଁ ସେମାନଙ୍କର ବିଜ୍ଞତା ଭାରି ବୋଝ ସଦୃଶ ହୋଇଥାଏ । ସେମାନେ ଉଦ୍ଧତ ସ୍ୱଭାବଯୁକ୍ତ ହୋଇଯାଇଥାନ୍ତି, ଆଉ ଭଲ-ମନ୍ଦ ପାଇଁ କର୍ଣ୍ଣପାତ କରିନଥା'ନ୍ତି । 'ରାବଣ' ଶବ୍ଦର ଅର୍ଥ ହେଲା ସମସ୍ତଙ୍କୁ କନ୍ଦାଇବା । ତେଣୁ ଏହା ବିକର୍ମର ପ୍ରତୀକ, କାହିଁକି ନା ବିକର୍ମ ହିଁ ମନୁଷ୍ୟ ଜୀବନରେ ଦୁଃଖ ଓ ଅଶ୍ରୁ ଆଣି ଦେଇଥାଏ । ସୁତରାଂ ସୀତା ଅପହରଣର ଭାବାର୍ଥ ହେଉଛି, ଆତ୍ମାଗଣଙ୍କ ଶୁଦ୍ଧଭାବନା ଅପହରଣର ସୂଚକ । ଏହିପରି 'କୁମ୍ଭକର୍ଣ୍ଣ' ଆଳସ୍ୟର ତଥା 'ମେଘନାଦ' କଟୁବଚନର ପ୍ରତୀକ । ଏ ସାରା ସଂସାର ଏକ ମହାଦ୍ୱୀପ ଅଟେ ଅଥବା ମନୁଷ୍ୟର ମନ ହିଁ ଲଙ୍କା ଅଟେ ।


ଏହି ବିଚାର ଆଧାରରେ ଆମେ କହିପାରିବା, ବିଶ୍ୱରେ ଦ୍ୱାପର ଆଉ କଳିଯୁଗର (ଅର୍ଥାତ୍ ୨୫୦୦ ବର୍ଷ) ରାବଣ ରାଜ୍ୟ ଚାଲିଥାଏ, କାରଣ ଏହି ଦୁଇ ଯୁଗରେ ଲୋକେ ମାୟା ବା ବିକାରର ବଶୀଭୂତ ହୋଇଥାନ୍ତି । ସେ ସମୟରେ ଅନେକ ପୂଜାପାଠ, ଶାସ୍ତ୍ର ଆଦି ପଢିବା ସତ୍ତ୍ୱେ ମଧ୍ୟ ମନୁଷ୍ୟଗଣ ବିକାରୀ, ବିଧର୍ମୀ ଓ ଭ୍ରଷ୍ଟାଚାରୀ ହୋଇଥାନ୍ତି । ରୋଗ, ଶୋକ, ଅଶାନ୍ତି ଓ ଦୁଃଖ ସର୍ବତ୍ର ବିରାଜମାନ କରିଥାଏ । ମନୁଷ୍ୟମାନଙ୍କର ଖାଦ୍ୟପେୟ ଅସୁରମାନଙ୍କ ଭଳି (ମଦ-ମାଂସ, ତାମସିକ ଭୋଜନ ଆଦି) ହୋଇଥାଏ । ସେମାନେ କାମ, କ୍ରୋଧ, ଲୋଭ, ମୋହ, ଅହଂକାର, ଈର୍ଷା, ଦ୍ୱେଷ ଆଦି ବିକାରର ବଶୀଭୂତ ହୋଇ ଜଣେ ଅନ୍ୟ ଜଣଙ୍କୁ ଦୁଃଖ ଦେଇଥାନ୍ତି ଏବଂ କନ୍ଦାଇଥାନ୍ତି । ଠିକ୍ ଏହାର ବିପରୀତ, ସୁବର୍ଣ୍ଣ ଆଉ ରୌପ୍ୟଯୁଗରେ ରାମରାଜ୍ୟ ଥିଲା, କାହିଁକି ନା ରମଣିକତା ଅଥବା ସୁନ୍ଦର ହେତୁ ପରମାତ୍ମାଙ୍କୁ ମଧ୍ୟ ରାମ କୁହାଯାଇଥାଏ । ସେଇ ପରମାତ୍ମା ହିଁ ପବିତ୍ରତା, ଶାନ୍ତି ଓ ସୁଖସମ୍ପନ୍ନ ଦୈବୀ ସ୍ୱରାଜ୍ୟର ପୁନଃସ୍ଥାପନା କରିଥିଲେ । କୁହାଯାଏ, ରାମରାଜ୍ୟରେ ଘିଅ, ଦୁଧର ନଦୀ ବହୁଥିଲା ଏବଂ ଗାଈ, ବାଘ ଗୋଟିଏ ଘାଟରେ ପାଣି ପିଉଥିଲେ ।

ବର୍ତ୍ତମାନ ସମୟରେ ମନୁଷ୍ୟାତ୍ମାଗଣ ମାୟା ଅର୍ଥାତ୍ ରାବଣର ପଂଝାରେ କବଳିତ । ଶିକ୍ଷୋନ୍ନତି, ପ୍ରଚୁର ଧନଧାନ୍ୟ, ସାଂସାରିକ ସୁଖ ଓ ସବୁ ସୁବିଧା ଥାଇ ମଧ୍ୟ ମନୁଷ୍ୟ ପ୍ରକୃତ ସୁଖଶାନ୍ତି ପାଇ ପାରୁନାହିଁ । ଘରେ ଘରେ ଝଗଡା-ଝାଣ୍ଟି, ଦୁଃଖ-ଅଶାନ୍ତି ଲାଗି ରହିଛି ତଥା ଭ୍ରଷ୍ଟାଚାର, ଅପମିଶ୍ରଣ, ଅଧର୍ମ ଓ ମିଥ୍ୟାର ରାଜତ୍ୱ ଚାଲିଛି । ତେଣୁ ଏହାକୁ 'ରାବଣ-ରାଜ୍ୟ' କୁହାଯାଉଛି ।

ବର୍ତ୍ତମାନ ଶିବ ପରମାତ୍ମା ଗୀତାରେ ଦେଇଥିବା ନିଜର ଭାଷ୍ୟ ଅନୁଯାୟୀ ସହଜ ଜ୍ଞାନ ଓ ରାଜଯୋଗର ଶିକ୍ଷା ଦେଉଛନ୍ତି ଏବଂ ମନୁଷ୍ୟାତ୍ମାଙ୍କ ମନୋବିକାରକୁ ନଷ୍ଟ କରି ଦୈବୀଗୁଣ ଧାରଣ କରାଉଛନ୍ତି (ସେ ଗାନ୍ଧୀଙ୍କର ଇପ୍ସିତ ରାମରାଜ୍ୟ ସ୍ଥାପନା କରୁଛନ୍ତି) । ଏଣୁ ଆମେ ସମସ୍ତେ ସତ୍ୟ, ଧର୍ମ ଓ ନିର୍ବିକାରୀ ମାର୍ଗ ଅନୁସରଣ କରି ପରମାତ୍ମାଙ୍କର ଏହି ମହାନ୍ କାର୍ଯ୍ୟରେ ସହଯୋଗ କରିବା ଉଚିତ ।

ରାବଣର କ'ଣ ଦଶଟି ମୁଣ୍ଡ ଥିଲା, ରାବଣ କାହାର ପ୍ରତୀକ ?

# कलियुगी सृष्टि - रावण राज्य



# ମନୁଷ୍ୟ ଜୀବନର ଲକ୍ଷ୍ୟ କ'ଣ ?



# ମନୁଷ୍ୟ ଜୀବନର ଲକ୍ଷ୍ୟ କ'ଣ ?

ମନୁଷ୍ୟର ବର୍ତ୍ତମାନ ଜୀବନ ବଡ ଅମୂଲ୍ୟ । କାରଣ ଏବେ ସଙ୍ଗମଯୁଗରେ ଶ୍ରେଷ୍ଠ ପୁରୁଷାର୍ଥ କରି ସେ ଜନ୍ମ-ଜନ୍ମାନ୍ତର ପାଇଁ ସର୍ବଶ୍ରେଷ୍ଠ ଭାଗ୍ୟ ପ୍ରାପ୍ତ କରିପାରିବ ଏବଂ ଅତୁଳନୀୟ ସମ୍ପତ୍ତିର ଅଧିକାରୀ ହୋଇପାରିବ । ସେ ଏହି ସମୟରେ ସୃଷ୍ଟିର ମାଲିକ ଅର୍ଥାତ୍ ଜଗତଜୀତ୍ ହେବାର ପୁରୁଷାର୍ଥ କରିପାରିବ କିନ୍ତୁ ଆଜି ମନୁଷ୍ୟକୁ ତା' ଜୀବନର ଲକ୍ଷ୍ୟ ଜଣାନଥିବା ହେତୁ ସର୍ବୋତ୍ତମ ପୁରୁଷାର୍ଥ ନକରି ନିଜକୁ ବିଷୟ ବିକାରରେ ବୁଡାଇ ରଖିଛି ବା ଅଳ୍ପକାଳର ପ୍ରାପ୍ତି ପଛରେ ଦୌଡୁଛି । ଆଜି ମନୁଷ୍ୟ ଶିକ୍ଷାଦ୍ୱାରା ଓକିଲ, ଡାକ୍ତର, ଇଞ୍ଜିନିୟର ହୋଇପାରୁଛି । କେହି ଦେଶର ନେତା, ମନ୍ତ୍ରୀ ଅଥବା ପ୍ରଧାନମନ୍ତ୍ରୀ ହେବା ପାଇଁ ଚେଷ୍ଟା କରୁଛି ତ ଆଉ କେହି ସନ୍ନ୍ୟାସୀ ହୋଇ ରହିବାକୁ ଚାହୁଁଛି । କିନ୍ତୁ ସମସ୍ତେ ଜାଣନ୍ତି ମର୍ତ୍ତ୍ୟଲୋକରେ ରାଜା-ରାଣୀ, ନେତା, ଓକିଲ, ଇଞ୍ଜିନିୟର, ଡାକ୍ତର, ସନ୍ନ୍ୟାସୀ କେହି ସମ୍ପୂର୍ଣ୍ଣ ସୁଖୀ ନୁହଁନ୍ତି । ସମସ୍ତଙ୍କୁ ମାନସିକ ରୋଗ, ମନର ଅଶାନ୍ତି, ଦାରିଦ୍ର୍ୟ ବା ପ୍ରାକୃତିକ ବିପତ୍ତିର କିଛି ନା କିଛି ଦୁଃଖ ଲାଗି ରହିଛି । ଏସବୁ ମଧ୍ୟରେ ମନୁଷ୍ୟ ଜୀବନର ଲକ୍ଷ୍ୟ ପ୍ରାପ୍ତି ହୋଇନଥାଏ । କାରଣ ମନୁଷ୍ୟ ସମ୍ପୂର୍ଣ୍ଣ ପବିତ୍ରତା, ସଦା ସୁଖ ଓ ସ୍ଥାୟୀ ଶାନ୍ତି ଚାହିଁଥାଏ ।

ମନୁଷ୍ୟ ଜୀବନର ଲକ୍ଷ୍ୟ ହେଲା ମୁକ୍ତି ପ୍ରାପ୍ତି ଅଥବା ବୈକୁଣ୍ଠରେ ସମ୍ପୂର୍ଣ୍ଣ ସୁଖ-ଶାନ୍ତିସମ୍ପନ୍ନ ଶ୍ରୀ ନାରାୟଣ ବା ଶ୍ରୀଲକ୍ଷ୍ମୀ ପଦ ପ୍ରାପ୍ତି । (ଯାହାର ଚିତ୍ର ପୂର୍ବ ପୃଷ୍ଠାରେ ଦର୍ଶାଯାଇଛି) ବୈକୁଣ୍ଠର ଦେବତାଗଣଙ୍କୁ ସର୍ବଦା ଅମର ବିଚାର କରାଯାଏ । ତାଙ୍କର ଅକାଳମୃତ୍ୟୁ ହୋଇନଥାଏ, ଶରୀର ସଦା ନୀରୋଗ ହୋଇଥାଏ ଏବଂ ତାଙ୍କର ଭଣ୍ଡାରରେ କିଛି ଅଭାବ ନଥାଏ । ଏଥିପାଇଁ ମନୁଷ୍ୟ ସ୍ୱର୍ଗ ଅଥବା ବୈକୁଣ୍ଠକୁ ମନେ ପକାଇଥାଏ । ତେଣୁ ଯେତେବେଳେ କେହି ଶରୀର୍ ତ୍ୟାଗକରେ, କୁହାଯାଏ ସେ-- 'ସ୍ୱର୍ଗ ଗମନ କଲା' ।

## ଏପରି ପଦ ପ୍ରାପ୍ତି ସ୍ୱୟଂ ପରମାତ୍ମା ହିଁ ଈଶ୍ୱରୀୟ ବିଦ୍ୟା ଦ୍ୱାରା କରାଇଥାନ୍ତି ।

ଏପରି ଲକ୍ଷ୍ୟପ୍ରାପ୍ତି କୌଣସି ମନୁଷ୍ୟ, ସାଧୁ, ସନ୍ନ୍ୟାସୀ, ଗୁରୁ ବା ଜଗଦ୍‌ଗୁରୁ କରାଇପାରନ୍ତି ନାହିଁ । ଏପରି ଦ୍ୱିମୁକୁଟମଣ୍ଡିତ ଦେବ ପଦ ଅଥବା ରାଜରାଣୀ ପଦ କେବଳ ଜ୍ଞାନସାଗର ପରମପିତା ପରମାତ୍ମା ଶିବଙ୍କ ଠାରୁ ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ଈଶ୍ୱରୀୟ ଜ୍ଞାନ ତଥା ସହଜ ରାଜଯୋଗ ଅଭ୍ୟାସ ଦ୍ୱାରା ପ୍ରାପ୍ତ ହୋଇଥାଏ ।

ପରମପିତା ପରମାତ୍ମା ଶିବ ଯେହେତୁ ଏହି ସର୍ବଶ୍ରେଷ୍ଠ ଈଶ୍ୱରୀୟ ବିଦ୍ୟା ଶିକ୍ଷା ଦେବା ପାଇଁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ-ବିଦ୍ୟାଳୟର ସ୍ଥାପନା କରିଛନ୍ତି, ତେଣୁ ସମସ୍ତେ ଘର ଗୃହସ୍ଥରେ ରହି, ନିଜର କର୍ମଧନ୍ଦା କରି ପ୍ରତିଦିନ ଘଣ୍ଟେ ଦୁଇ ଘଣ୍ଟା ସମୟ ଦେଇ ନିଜ ଭବିଷ୍ୟତ ଅର୍ଥାତ୍ ଜନ୍ମ ଜନ୍ମାନ୍ତରର କଲ୍ୟାଣାର୍ଥେ ଏହି ସହଜ ଶିକ୍ଷା ପ୍ରାପ୍ତ କରନ୍ତୁ ।

ଏହି ଶିକ୍ଷା ପ୍ରାପ୍ତି ପାଇଁ କିଛି ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଜଣେ ନିର୍ଦ୍ଧନ ବ୍ୟକ୍ତି ମଧ୍ୟ ଏହା ପ୍ରାପ୍ତ କରି ନିଜର ଭାଗ୍ୟ ଗଢିପାରିବ । ଏହି ଶିକ୍ଷା କନ୍ୟା, ମାତା, ବୃଦ୍ଧ, ବାଳକ ଆଦି ସମସ୍ତଙ୍କର ଲାଭ କରିବା ଅଧିକାର ଅଛି, କାରଣ ଆତ୍ମିକ ଦୃଷ୍ଟିକୋଣରୁ ସମସ୍ତେ ପରମାତ୍ମାଙ୍କର ସନ୍ତାନ ।

## ଏବେ ନୁହେଁ ତ କେବେ ନୁହେଁ

ବର୍ତ୍ତମାନ ସମସ୍ତଙ୍କର ଅନ୍ତିମ ଜନ୍ମ । ଏଥିପାଇଁ ଏବେ ପୁରୁଷାର୍ଥ ନ କଲେ ଆଉ କେବେ ହୋଇପାରିବ ନାହିଁ । ସ୍ୱୟଂ ଜ୍ଞାନସାଗର ପରମାତ୍ମାଙ୍କ ଦ୍ୱାରା ପ୍ରଦତ୍ତ ଏହି ମୂଳ ଗୀତା-ଜ୍ଞାନ କଳ୍ପରେ ଥରେ ମାତ୍ର ଏହି କଲ୍ୟାଣକାରୀ ସଂଗମଯୁଗରେ ମିଳିଥାଏ ।

# ନିକଟ ଭବିଷ୍ୟତରେ ଶ୍ରୀକୃଷ୍ଣ ଆସୁଛନ୍ତି

ପ୍ରତିଦିନ ଖବର କାଗଜରେ ଅକାଳମୃତ୍ୟୁ, ବନ୍ୟା, ବାତ୍ୟା, ଲଢେଇ-ଝଗଡା, ଦୁର୍ଘଟଣାର ଖବର ପଢିବାକୁ ମିଳୁଛି । ପ୍ରକୃତିର ପଞ୍ଚତତ୍ତ୍ୱ ମନୁଷ୍ୟକୁ ଦୁଃଖ ଦେଉଛନ୍ତି । ଅତ୍ୟାଚାର, ବିଷୟ-ବିକାର ତଥା ଅଧର୍ମ ଆହ୍ୱାନ କରୁଛି । ସାରା ବିଶ୍ୱ କଣ୍ଟାର ଜଙ୍ଗଲରେ ପରିଣତ ହୋଇ ବାତାବରଣ ଦୂଷିତ ହୋଇଯାଇଛି । ଏପରି ସମୟ ଥିଲା ଯେତେବେଳେ ସୁଖ-ଶାନ୍ତି ସାମ୍ରାଜ୍ୟ ବିରାଜମାନ କରୁଥିଲା ଏବଂ ଏହି ସୃଷ୍ଟି ଫୁଲର ବଗିଚା ଥିଲା । ପ୍ରକୃତି ସତ୍ତ୍ୱପ୍ରଧାନ ଥିଲା, ଯାହା ଫଳରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନଥିଲା । ମନୁଷ୍ୟମାନେ ମଧ୍ୟ ସତ୍ତ୍ୱପ୍ରଧାନ, ଦୈବୀଗୁଣସମ୍ପନ୍ନ ଥିଲେ ଏବଂ ଆନନ୍ଦରେ କାଳାତିପାତ କରୁଥିଲେ । ସେ ସମୟରେ ଏହି ସଂସାର ସ୍ୱର୍ଗ ଥିଲା, ଯାହାକୁ ସତ୍ୟଯୁଗ ବୋଲି ଖ୍ୟାତ । ବିଶ୍ୱରେ ସୁଖ, ଶାନ୍ତି ଓ ସମୃଦ୍ଧିର ମୁଖ୍ୟ କାରଣ ଥିଲା, ରାଜା ତଥା ପ୍ରଜା ସମସ୍ତେ ପବିତ୍ର ଓ ଶ୍ରେଷ୍ଠାଚାରୀ ଥିଲେ । ଏଥିପାଇଁ ସେମାନଙ୍କୁ ରତ୍ନଖଚିତ ସୁବର୍ଣ୍ଣମୁକୁଟ ତଥା ପବିତ୍ରତାର ପ୍ରଭାମଣ୍ଡଳଯୁକ୍ତ ଦେଖାଯାଇଥାଏ । ଶ୍ରୀକୃଷ୍ଣ ତଥା ଶ୍ରୀରାଧା ସତ୍ୟଯୁଗର ପ୍ରଥମ ମହରାଜକୁମାର ଓ ମହାରାଜକୁମାରୀ ଥିଲେ (ଯାହାଙ୍କର ସ୍ୱୟଂବର ପରେ ଶ୍ରୀଲକ୍ଷ୍ମୀ ଓ ଶ୍ରୀନାରାୟଣ ନାମ ରଖାଯାଇଥାଏ) । ତାଙ୍କ ରାଜ୍ୟରେ ଗାଈ ଓ ବାଘ ଗୋଟିଏ ଘାଟରେ ପାଣି ପିଉଥିଲେ, ଅର୍ଥାତ୍ ପଶୁ ପକ୍ଷୀ ସମ୍ପୂର୍ଣ୍ଣ ଅହିଂସକ ଥିଲେ । ସେ ସମୟରେ ସମସ୍ତେ ଶ୍ରେଷ୍ଠାଚାରୀ, ନିର୍ବିକାରୀ, ଅହିଂସକ ଓ ମର୍ଯ୍ୟାଦା ପୁରୁଷୋତ୍ତମ ଥିଲେ । ତେଣୁ ତାଙ୍କୁ 'ଦେବତା' କୁହାଯାଏ । ସେ ସମୟ ତୁଳନାରେ ଆଜିର ମନୁଷ୍ୟ ବିକାରୀ, ଦୁଃଖୀ ଓ ଅଶାନ୍ତ ହୋଇଯାଇଛି । ଏହି ସଂସାର ମଧ୍ୟ ଘୋର ନରକରେ ପରିଣତ ହୋଇଯାଇଛି । ନର-ନାରୀ ସମସ୍ତେ କାମ-କ୍ରୋଧାଦି ବିଷୟ ବିକାରରେ ବୁଡି ରହିଛନ୍ତି । ସମସ୍ତଙ୍କ କାନ୍ଧରେ ମାୟାର ଯୁଆଳି ପଡିଛି । କେହି ଜଣେ ମନୁଷ୍ୟ ମଧ୍ୟ ଦୁଃଖ ଓ ବିକାର କବଳରୁ ମୁକ୍ତ ନୁହଁନ୍ତି ।

ସୁତରାଂ ପରମପିତା, ପରମ ଶିକ୍ଷକ, ପରମ ସଦ୍‌ଗୁରୁ ପରମାତ୍ମା ଶିବ କହୁଛନ୍ତି, ହେ ବତ୍ସ! ତୁମେ ଜନ୍ମ-ଜନ୍ମାନ୍ତର ଧରି ମୋତେ ଡାକି ଆସିଛ, 'ହେ ପ୍ରଭୁ! ଆମକୁ ଦୁଃଖ, ଅଶାନ୍ତିରୁ ତ୍ରାହି କର ଏବଂ ଆମକୁ ମୁକ୍ତିଧାମ ତଥା ସ୍ୱର୍ଗକୁ ନେଇଯାଅ ।' ଏବେ ମୁଁ ତୁମକୁ ମୁକ୍ତିଧାମ ନେଇ ଯିବା ପାଇଁ ତଥା ଏହି ସୃଷ୍ଟିକୁ ପାବନ ଅଥବା ସ୍ୱର୍ଗତୁଲ୍ୟ କରିବା ପାଇଁ ଆସିଛି । ବତ୍ସ! ବର୍ତ୍ତମାନ ସମସ୍ତଙ୍କର ଅନ୍ତିମ ସମୟ । ଏବେ ତୁମେ ବୈକୁଣ୍ଠ ଯିବା ପାଇଁ ପ୍ରସ୍ତୁତ ହୁଅ ଅର୍ଥାତ୍ ପବିତ୍ର ଓ ଯୋଗଯୁକ୍ତ ହୁଅ । କାହିଁକି ନା ନିକଟ ଭବିଷ୍ୟତରେ ଶ୍ରୀକୃଷ୍ଣ( ଶ୍ରୀନାରାୟଣ)ଙ୍କର ରାଜ୍ୟ ସ୍ଥାପନ ହେବ । ଅନ୍ୟ ଦିଗରେ ଏହି କଳିଯୁଗୀ ବିକାରୀ ସୃଷ୍ଟିର ମହାବିନାଶ ଏଟମ୍‌ବମ୍, ପ୍ରାକୃତିକ ବିପତ୍ତି ତଥା ଗୃହଯୁଦ୍ଧ ଦ୍ୱାରା ସଂଘଠିତ ହେବ । ଚିତ୍ରରେ ଶ୍ରୀକୃଷ୍ଣଙ୍କୁ 'ଗ୍ଲୋବ' ପୃଥିବୀ ଉପରେ ମନମୁଗ୍ଧକର ବଂଶୀ ବଜାଉଥିବା ଦର୍ଶାଯାଇଛି, ଯାହାର ଅର୍ଥ ହେଉଛି ସାରା ବିଶ୍ୱରେ 'ଶ୍ରୀକୃଷ୍ଣ'ଙ୍କର ଏକଛତ୍ର ରାଜ୍ୟ ହେବ । ଗୋଟିଏ ଧର୍ମ, ଗୋଟିଏ ଭାଷା ଓ ଗୋଟିଏ ମତ ଓ ଗୋଟିଏ ରାଜ୍ୟ ହେବ ତଥା ସମ୍ପୂର୍ଣ୍ଣ ଆନନ୍ଦ, ସମୃଦ୍ଧି ଓ ସୁଖ ଶାନ୍ତିର ବଂଶୀ ବାଜି ଉଠିବ ।

ସମସ୍ତେ କହନ୍ତି, ଶ୍ରୀକୃଷ୍ଣ ଦ୍ୱାପରଯୁଗରେ ଆସିଥାନ୍ତି । ଏକଥା ଜାଣିବା ଦରକାର, ଶ୍ରୀକୃଷ୍ଣ ହେଲେ ସର୍ବଗୁଣସମ୍ପନ୍ନ, ଷୋହଳକଳା ସମ୍ପୂର୍ଣ୍ଣ, ସମ୍ପୂର୍ଣ୍ଣ ନିର୍ବିକାରୀ ଅର୍ଥାତ୍ ପୂର୍ଣ୍ଣତଃ ପବିତ୍ର । ତେବେ ତାଙ୍କର ଜନ୍ମ ଦ୍ୱାପରଯୁଗର ରଜୋପ୍ରଧାନ ବିକାରଯୁକ୍ତ ସୃଷ୍ଟିରେ କିପରି ହୋଇପାରେ ? ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇଁ ସୁରଦାସ ନିଜର ଅପବିତ୍ର ଚକ୍ଷୁକୁ ଫୁଟାଇ ଦେଇଥିଲେ ଏବଂ ମୀରାବାଈ ପବିତ୍ରତା ପାଇଁ ବିଷପାନ କରିଥିଲେ । ତେବେ ଶ୍ରୀକୃଷ୍ଣ ଦେବତା, ଅପବିତ୍ର ଦୃଷ୍ଟିବୃତ୍ତିପୂର୍ଣ୍ଣ ସୃଷ୍ଟିକୁ କିପରି ଆସିପାରିବେ ? ଶ୍ରୀକୃଷ୍ଣ ହିଁ ସ୍ୱୟଂବର ପରେ ଶ୍ରୀନାରାୟଣ ପଦବାଚ୍ୟ ହୋଇଛନ୍ତି, ତେଣୁ ଶ୍ରୀନାରାୟଣଙ୍କର ବାଲ୍ୟାବସ୍ଥାର କୌଣସି ଚିହ୍ନ ନାହିଁ ବା ଶ୍ରୀକୃଷ୍ଣଙ୍କର ବୃଦ୍ଧାବସ୍ଥାର ବର୍ଣ୍ଣନା ନାହିଁ । ଶ୍ରୀକୃଷ୍ଣ ଅର୍ଥାତ୍ ସତ୍ୟଯୁଗୀ ପାବନ ସୃଷ୍ଟିର ଆରମ୍ଭରେ ଆସିଥିଲେ ଏବଂ ଏବେ ପୁନଶ୍ଚ ଆସିବେ ।

# ନିକଟ ଭବିଷ୍ୟତରେ ଶ୍ରୀକୃଷ୍ଣ ଆସୁଛନ୍ତି


निकट भविष्य में होने वाले महाविनाश के पश्चात् शीघ्र ही

**श्री कृष्ण आ रहे हैं**



# ସର୍ବଶାସ୍ତ୍ର ଶିରୋମଣି ଶ୍ରୀମଦ୍ ଭଗବଦ୍ ଗୀତାର ଜ୍ଞାନଦାତା କିଏ ?

## ଶ୍ରୀକୃଷ୍ଣ ଦେବତା ଏବଂ ଶିବ ପରମାତ୍ମା ଅଟନ୍ତି
## SHRI KRISHNA IS DEITY & SHIVA IS GOD



# ସର୍ବଶାସ୍ତ୍ର ଶିରୋମଣି ଶ୍ରୀମଦ୍ ଭଗବଦ୍ ଗୀତାର ଜ୍ଞାନଦାତା କିଏ ?

ଅତି ଆଶ୍ଚର୍ଯ୍ୟର କଥା, ମନୁଷ୍ୟମାନେ ଜାଣି ନାହାଁନ୍ତି କି ପରମପିତା ପରମାତ୍ମା ଶିବ, ଯାହାଙ୍କୁ 'ଜ୍ଞାନର ସାଗର' ତଥା 'କଲ୍ୟାଣକାରୀ' ବୋଲି କୁହାଯାଏ, ଯିଏ ମନୁଷ୍ୟର କଲ୍ୟାଣାର୍ଥେ ଜ୍ଞାନ ଦେଇଥାନ୍ତି, ତାଙ୍କର ଶାସ୍ତ୍ର କ'ଣ ? ଭାରତରେ ଯଦିଓ ଗୀତାଜ୍ଞାନ ଭଗବାନଙ୍କ ଦ୍ୱାରା ଦିଆଯାଇଥିବାର ମାନ୍ୟତା ଅଛି, ତଥାପି ସମସ୍ତଙ୍କ ଧାରଣା, ଦ୍ୱାପରଯୁଗ ଶେଷରେ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥରେ ରଥାରୂଢ଼ ହୋଇ ଗୀତାଜ୍ଞାନ ଦେଇଥିଲେ ।

## ଗୀତା-ଜ୍ଞାନ ଦ୍ୱାପରଯୁଗରେ ଦିଆଯାଇ ନାହିଁ, ସଙ୍ଗମଯୁଗରେ ଦିଆଯାଇଛି ।

ଚିତ୍ରରେ ଏହି ଅଦ୍ଭୁତ ରହସ୍ୟକୁ ଚିତ୍ରଣ କରାଯାଇଛି ଯେ ଗୀତାଜ୍ଞାନ ନିରାକାର ପରମପିତା ପରମାତ୍ମା ଶିବ ଦେଇଥିଲେ ଏବଂ ଏହି ଗୀତାଜ୍ଞାନ ଦ୍ୱାରା ସତ୍ୟଯୁଗରେ ଶ୍ରୀକୃଷ୍ଣଙ୍କ ଜନ୍ମ ହୋଇଥିଲା । ସେହି କାରଣରୁ ଗୋପେଶ୍ୱର ପରମାତ୍ମା ଶିବ ଶ୍ରୀକୃଷ୍ଣଙ୍କର ମଧ୍ୟ ପାରଲୌକିକ ପିତା ଓ ଗୀତା ଶ୍ରୀକୃଷ୍ଣଙ୍କର ମାତା ରୂପେ ବିବେଚିତ ।

ଏକଥା ସମସ୍ତେ ଜାଣନ୍ତି, ଗୀତାଜ୍ଞାନ ଧର୍ମର ପୁନଃସ୍ଥାପନା ପାଇଁ ଦିଆଯାଇଥିଲା । ଗୀତାରେ ଭଗବାନ ସ୍ପଷ୍ଟ କହିଛନ୍ତି, 'ମୁଁ ଅଧର୍ମର ବିନାଶ ତଥା ସତ୍‌ଧର୍ମର ସ୍ଥାପନାର୍ଥେ ଅବତରିତ ହୋଇଥାଏ ।' ଏଣୁ ଭଗବାନ ଅବତରିତ ହୋଇ ଗୀତାଜ୍ଞାନ ଦେବା ପରେ ଧର୍ମର ତଥା ଦୈବୀ ସ୍ୱଭାବଯୁକ୍ତ ସମ୍ପ୍ରଦାୟର ପୁନଃସ୍ଥାପନା ହେବା ଦରକାର । କିନ୍ତୁ ସମସ୍ତେ ଜାଣନ୍ତି ଓ ମାନନ୍ତି ଦ୍ୱାପରଯୁଗ ପରେ କଳିଯୁଗ ଆରମ୍ଭ ହେଲା, ଯେତେବେଳେ କି ଧର୍ମର ଅଧିକ ଅବକ୍ଷୟ ହେଲା । ମନୁଷ୍ୟଙ୍କର ସ୍ୱଭାବ ତମୋପ୍ରଧାନ ତଥା ଆସୁରୀ ଗୁଣଯୁକ୍ତ ହେଲା । ତେଣୁ ଯେଉଁମାନେ ଭାବୁଛନ୍ତି, ଭଗବାନ ଗୀତାଜ୍ଞାନ ଦ୍ୱାପରଯୁଗ ଶେଷରେ ଦେଇଥିଲେ, ତାଙ୍କର ବିଚାର କରିବା ଦରକାର, ଭଗବାନ କ'ଣ ଅବତରିତ ହୋଇ ଗୀତଜ୍ଞାନ ଦେବାର ଫଳ ଏହିପରି ହେଲା ? ଗୀତା-ଜ୍ଞାନ ଦେବା ପରେ କ'ଣ ଅଧର୍ମଯୁଗର ଆରମ୍ଭ ହେଲା ? ଏହା ସ୍ପଷ୍ଟ ଯେ ସେମାନଙ୍କର ଧାରଣା ବିବେକାନୁମୋଦିତ ନୁହେଁ ।

ଭଗବାନଙ୍କ ଅବତରଣ ପରେ କଳିଯୁଗର ଆରମ୍ଭ ହେଲା ବୋଲି ମାନିବା ଅର୍ଥ ଭଗବାନଙ୍କ ଗ୍ଲାନି କରିବା । ଭଗବାନଙ୍କ ଯଥାର୍ଥ ପରିଚୟ ହେଲା, ସେ ଅବତରିତ ହୋଇ ସୃଷ୍ଟିର ଆସୁରୀୟ ପ୍ରବୃତ୍ତି ବିନାଶ କରି ସମ୍ପୂର୍ଣ୍ଣ ସତ୍‌ଧର୍ମର ସ୍ଥାପନା କରାନ୍ତି ଏବଂ ନରକୁ ଶ୍ରୀନାରାୟଣ ପଦ ପ୍ରାପ୍ତ କରାଇ ସଦ୍‌ଗତି କରାଇଥାଆନ୍ତି । ଭଗବାନ ସୃଷ୍ଟିର 'ବୀଜରୂପ' ତଥା ସତ୍ୟସ୍ୱରୂପ ଅଟନ୍ତି । ଏହି ସୃଷ୍ଟିକୁ ସେ ଆସିବା ପରେ ନୂଆ ସୃଷ୍ଟିରୂପକ ବୃକ୍ଷ, ଅର୍ଥାତ୍ ସତ୍ୟଯୁଗ ସୃଷ୍ଟିର ଆରମ୍ଭ ହୋଇଥାଏ । ଯଦି ଗୀତାଜ୍ଞାନ ଦ୍ୱାପରଯୁଗ ଶେଷରେ ଦିଆଯାଇଥାଆନ୍ତା ତେବେ କଳିଯୁଗ ତମୋପ୍ରଧାନ ଦୁନିଆ ଭାବେ ତାହାର ଫଳ ଭୋଗ ହୋଇନଥାନ୍ତା । ଏବେ ମଧ୍ୟ ଦେଖାଯାଏ, ଲୋକମାନେ ଦୀପାବଳିରେ ଲକ୍ଷ୍ମୀଙ୍କର ଆହ୍ୱାନ କରିଥାନ୍ତି । ଭାରତୀୟ ନିଜ ଘରକୁ ସଫାସୁତୁରା କରି ଦୀପ ଜଳାଇଥାନ୍ତି । ଏଥିରୁ ସ୍ପଷ୍ଟ, ଅପବିତ୍ର ଓ ଅନ୍ଧକାର ସ୍ଥାନରେ ଦେବତାମାନେ ତାଙ୍କର ପାଦ ମଧ୍ୟ ରଖିନଥାନ୍ତି । ଏଣୁ ଶ୍ରୀକୃଷ୍ଣଙ୍କର ଅର୍ଥାତ୍ ଲକ୍ଷ୍ମୀପତି ଶ୍ରୀନାରାୟଣଙ୍କ ଜନ୍ମ ଦ୍ୱାପରଯୁଗରେ ହୋଇଥିବା ଉକ୍ତି ସଂପୂର୍ଣ୍ଣ ଭୁଲ କହିବା ଯୁକ୍ତିଯୁକ୍ତ, ତାଙ୍କର ଜନ୍ମ ସତ୍ୟଯୁଗରେ ହୋଇଥିଲା, ଯେତେବେଳେ ତାଙ୍କର ସବୁ ଆତ୍ମୀୟ ସ୍ୱଜନ ତଥା ପ୍ରକୃତି ସତ୍ତ୍ୱପ୍ରଧାନ ଓ ଦିବ୍ୟ ଥିଲା ତଥା ସମସ୍ତଙ୍କର ଆତ୍ମାରୂପୀ ଦୀପ ଜାଗ୍ରତ ଥିଲା ଏବଂ ସୃଷ୍ଟିରେ କୌଣସି ମ୍ଳେଚ୍ଛ ତଥା କ୍ଳେଶ ନଥିଲା ।

ଏଥିରୁ ସ୍ପଷ୍ଟ ଅନୁମେୟ, ଶ୍ରୀକୃଷ୍ଣ ଦ୍ୱାପରଯୁଗରେ ନଥିଲେ ବା ଗୀତା-ଜ୍ଞାନ ଦେଇନଥିଲେ । ନିରାକାର, ପତିତପାବନ, ପରମାତ୍ମା ଶିବ କଳିଯୁଗର ଶେଷ ଓ ସତ୍ୟଯୁଗର ଆଦି ସଙ୍ଗମଯୁଗ ତଥା ଧର୍ମଗ୍ଲାନି ସମୟରେ ବ୍ରହ୍ମାଙ୍କ ଶରୀରରେ ଦିବ୍ୟ ପ୍ରବେଶ କରି ଗୀତା-ଜ୍ଞାନ ଦ୍ୱାରା ସତ୍ୟଯୁଗ ତଥା ଶ୍ରୀକୃଷ୍ଣ (ଶ୍ରୀ ନାରାୟଣ)ଙ୍କ ଦୈବୀ-ସ୍ୱରାଜ୍ୟର ସ୍ଥାପନା କରିଥିଲେ । ଶ୍ରୀକୃଷ୍ଣଙ୍କ ମାତା, ପିତା ଓ ଶିକ୍ଷକ ଆଦି ଥିଲେ, କିନ୍ତୁ ଗୀତାଜ୍ଞାନ ସର୍ବଆତ୍ମାଙ୍କର ମାତାପିତା ଶିବ ହିଁ ଦେଇଥିଲେ ।

# ଗୀତାଜ୍ଞାନ ହିଂସକ ଯୁଦ୍ଧ କରିବା ପାଇଁ ଦିଆଯାଇନଥିଲା

ପରମାତ୍ମାଙ୍କର ଦିବ୍ୟଜନ୍ମ ଓ ଅବତରଣର ମାଧ୍ୟମ (ରଥ)ର ସ୍ୱରୂପକୁ ନ ଜାଣିପାରିବା କାରଣରୁ ଲୋକମାନଙ୍କର ଦୃଢ ଧାରଣା ଯେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥରେ ସାରଥି ହୋଇ ଯୁଦ୍ଧ କ୍ଷେତ୍ରରେ ଗୀତାଜ୍ଞାନ ଦେଇଥିଲେ । ବିଚାର କରିବାର କଥା ଏହି ଯେ ଅହିଂସାକୁ ଧର୍ମର ପରମ ଲକ୍ଷଣ ବୋଲି କୁହାଯାଏ ଏବଂ ଧର୍ମାତ୍ମା ଅଥବା ମହାତ୍ମାମାନେ ମଧ୍ୟ ଅହିଂସା ବ୍ରତ ପାଳନ କରିଥାନ୍ତି ତଥା ଅହିଂସା ଧର୍ମର ଶିକ୍ଷା ଦେଇଥାନ୍ତି । ତାହାହେଲେ ଭଗବାନ କ'ଣ ହିଂସାର ଯୁଦ୍ଧ ପାଇଁ ଶିକ୍ଷା ଦେଇଥିବେ ? ପିତା ତାଙ୍କର ପୁତ୍ରମାନଙ୍କୁ ପରସ୍ପର ଭିତରେ ଝଗଡା ନ କରିବା ପାଇଁ ବୁଝାଇଥାନ୍ତି । ତେବେ କ'ଣ ବିଶ୍ୱ-ପିତା ଶାନ୍ତିର ସାଗର ପରମପିତା ମନୁଷ୍ୟମାନଙ୍କୁ ପରସ୍ପର ମଧ୍ୟରେ ଲଢ଼େଇ କରିବାକୁ ଶିଖାଇଥିବେ ? ଏହା କଦାପି ଯୁକ୍ତିଯୁକ୍ତ ହୋଇନପାରେ । ଭଗବାନ ତ ଦୈବୀଗୁଣଯୁକ୍ତ ସମ୍ପ୍ରଦାୟ ତଥା ସର୍ବଶ୍ରେଷ୍ଠ ଧର୍ମର ସ୍ଥାପନା ପାଇଁ ଗୀତା-ଜ୍ଞାନ ଦେଇଥା'ନ୍ତି । ଗୀତାଜ୍ଞାନ ଦ୍ୱାରା ମନୁଷ୍ୟ ରାଗ-ଦ୍ୱେଷ, ହିଂସା ଉପରେ ବିଜୟପ୍ରାପ୍ତ କରିଥାଏ । ଏହି ଯେ ବାସ୍ତବିକତା ନିରାକାର ପରମପିତା ପରମାତ୍ମା ଶିବ ସୃଷ୍ଟିରୂପୀ କର୍ମକ୍ଷେତ୍ର, ଧର୍ମକ୍ଷେତ୍ର ଅଥବା କୁରୁକ୍ଷେତ୍ରରେ ପ୍ରଜାପିତା ବ୍ରହ୍ମା (ଅର୍ଜୁନ)ଙ୍କ ଶରୀରରୂପୀ ରଥରେ ରଥୀ ହୋଇ ମାୟା ଅର୍ଥାତ୍ ବିକାର ସହିତ ଯୁଦ୍ଧ କରିବା ପାଇଁ ଶିକ୍ଷା ଦେଇଥିଲେ । କିନ୍ତୁ ଲେଖକଗଣ ପରେ ଆଳଙ୍କାରିକ ଭାଷାରେ ଏହାର ବର୍ଣ୍ଣନା କରିଛନ୍ତି ତଥା ଚିତ୍ରକର ଶରୀରକୁ ରଥ ରୂପରେ ଅଙ୍କିତ କରି ପ୍ରଜାପିତା ବ୍ରହ୍ମାଙ୍କ ଆତ୍ମାକୁ ମଧ୍ୟ ସେହି ରଥରେ ଏକ ମନୁଷ୍ୟ (ଅର୍ଜୁନ) ରୂପରେ ଦେଖାଇ ଦେଇଛନ୍ତି । କାଳକ୍ରମେ ବାସ୍ତବିକ ରହସ୍ୟ ଲୁପ୍ତ ଅଥବା ଗୌଣ ରୂପ ଧାରଣ କରିଛି ଆଉ ସ୍ଥୂଳ ଅର୍ଥରେ ପ୍ରଚଳିତ ହେବାକୁ ଲାଗିଛି ।

ସଙ୍ଗମଯୁଗରେ ଭଗବାନ ଶିବ ଯେତେବେଳେ ପ୍ରଜାପିତା ବ୍ରହ୍ମାଙ୍କ ରଥରେ ଅବତରିତ ହୋଇ ଜ୍ଞାନ ଦେଲେ ଆଉ ଧର୍ମ ସ୍ଥାପନା କଲେ, ତା'ପରେ କଳିଯୁଗୀ ପତିତ ଦୁନିଆର ମହାବିନାଶ ହୋଇଥିଲା ଏବଂ ସତ୍ୟଯୁଗର ସ୍ଥାପନା ହୋଇଥିଲା । ଏପରି ମହାନ୍ ପରିବର୍ତ୍ତନ କାରଣରୁ ବାସ୍ତବିକ ରହସ୍ୟ ଲୋପପାଇଛି । ପୁଣି ଦ୍ୱାପରରେ ଗୀତା ଲେଖିବା ଆରମ୍ଭ ହେଲା । ବହୁ ପୂର୍ବରୁ (ସଙ୍ଗମଯୁଗରେ) ଘଟିଥିବା ଏହି ବୃତ୍ତାନ୍ତର ରୂପାନ୍ତରରେ ବର୍ତ୍ତମାନ କାଳ (Present Tense) ର ପ୍ରୟୋଗ କରି ଲେଖାଗଲା । ତେଣୁ ସମୟାନ୍ତରରେ ଗୀତାଜ୍ଞାନ ବ୍ୟାସଙ୍କର ଜୀବନକାଳରେ ଅର୍ଥାତ୍ ଦ୍ୱାପରଯୁଗରେ ଦିଆଯାଇଥିବା ଗୃହୀତ ହେଲା । ଏହି ଭୁଲ୍ ଦ୍ୱାରା ସଂସାରର ବହୁତ ବଡ କ୍ଷତି ଘଟିଛି । ଯଦି ଲୋକମାନେ ଠିକ୍ ରହସ୍ୟ ବୁଝିପାରିଥା'ନ୍ତେ ଯେ ଗୀତାଜ୍ଞାନ ନିରାକାର ପରମପିତା ପରମାତ୍ମା ଶିବ ଦେଇଥିଲେ, (ଯିଏକି ଶ୍ରୀକୃଷ୍ଣଙ୍କର ମଧ୍ୟ ପାରଲୌକିକ ପିତା ଅଟନ୍ତି । ସବୁ ଧର୍ମପିତାଙ୍କର ସେ ପରମପୂଜ୍ୟ ତଥା ସମସ୍ତଙ୍କର 'ସଦ୍‌ଗତିଦାତା';) ତେବେ ବିଶ୍ୱର ସମସ୍ତ ଆତ୍ମା, ଗୀତାକୁ ହିଁ ସଂସାରର ସର୍ବୋତ୍ତମ ଶାସ୍ତ୍ର ବୋଲି ମାନିଥା'ନ୍ତେ । ଗୀତାର ମହାବାକ୍ୟକୁ ପରମାତ୍ମାଙ୍କର ମହାବାକ୍ୟ ମାନି ଶିରୋଧାର୍ଯ୍ୟ କରିଥା'ନ୍ତେ ଏବଂ ଭାରତକୁ ନିଜର ସର୍ବୋତ୍ତମ ତୀର୍ଥ ମାନି ତଥା ଶିବ ଜୟନ୍ତୀକୁ ଗୀତା ଜୟନ୍ତୀ ଓ ଗୀତା ଜୟନ୍ତୀକୁ ଶିବ- ଜୟନ୍ତୀ ରୂପେ ମାନିଥାନ୍ତି । ସମସ୍ତେ ଜ୍ୟୋତିସ୍ୱରୂପ, ନିରାକାର ପରମପିତା ପରମାତ୍ମା ଶିବଙ୍କ ସହିତ ଯୋଗଯୁକ୍ତ ହୋଇ ପବିତ୍ର ହୋଇଯାଇଥା'ନ୍ତେ ତଥା ତାଙ୍କଠାରୁ ସୁଖ-ଶାନ୍ତିର ପୂର୍ଣ୍ଣ ଅଧିକାର ପ୍ରାପ୍ତ କରିପାରିଥା'ନ୍ତେ । କିନ୍ତୁ ଉପର୍ଯ୍ୟୁକ୍ତ ତଥା ସର୍ବୋତ୍ତମ ରହସ୍ୟକୁ ନ ଜାଣିବା କାରଣରୁ, ସର୍ବମାନ୍ୟ ନିରାକାର ପରମପିତା ପରମାତ୍ମା ଶିବଙ୍କ ସ୍ଥାନରେ ପୁତ୍ର ଶ୍ରୀକୃଷ୍ଣ (ଦେବତା)ଙ୍କର ନାମ ଲେଖିଦେବା କାରଣରୁ ଗୀତା ଖଣ୍ଡିତ ହୋଇଯାଇଛି । ସଂସାରରେ ଘୋର ଅନର୍ଥ, ହାହାକାର ତଥା ପାପାଚାର ବ୍ୟାପୀ ଚାଲିଛି ତଥା ଲୋକମାନେ ଏକ ନିରାକାର ପରମପିତାଙ୍କର ଆଜ୍ଞା (ମନ୍‌ମନାଭବ ଅର୍ଥାତ୍ ଏକ ପରମାତ୍ମାଙ୍କ ସ୍ମୃତି)କୁ ଭୁଲି ବ୍ୟଭିଚାରୀ ହୋଇଯାଇଛନ୍ତି । ଆଜି ପୁଣି ଉପରୋକ୍ତ ରହସ୍ୟକୁ ଜାଣି ପରମପିତା ପରମାତ୍ମା ଶିବଙ୍କ ସହିତ ଯୋଗଯୁକ୍ତ ହୋଇ ରହିଲେ, ପୁଣି ଥରେ ଏହି ଭାରତରେ ଶ୍ରୀକୃଷ୍ଣ ଅଥବା ଶ୍ରୀନାରାୟଣଙ୍କର ସୁଖ ସମ୍ପନ୍ନ ସ୍ୱରାଜ୍ୟ ସ୍ଥାପନା ହୋଇପାରିବ, ଯାହାର କାର୍ଯ୍ୟ ଏବେ ହେଉଅଛି ।

# ଗୀତାଜ୍ଞାନ ହିଂସକ ଯୁଦ୍ଧ କରିବା ପାଇଁ ଦିଆଯାଇନଥିଲା

## गीता में वर्णित युद्ध हिंसक या अहिंसक?






# ଜୀବନ କମଳପୁଷ୍ପ ତୁଲ୍ୟ କିପରି କରିବା ?



# ଜୀବନ କମଳପୁଷ୍ପ ତୁଲ୍ୟ କିପରି କରିବା ?

ସ୍ନେହ ଓ ସୌହାର୍ଦ୍ଦ୍ୟର ଅଭାବ ହେତୁ ଆଜି ମନୁଷ୍ୟଙ୍କୁ ଘର, ଘର ପରି ଲାଗୁନାହିଁ । କେତେକ ଛୋଟ ଛୋଟ କାରଣକୁ ନେଇ ଘରର ବାତାବରଣ ସମ୍ପୂର୍ଣ୍ଣ ଦୂଷିତ ହେଉଛି । ଏବେ ମନୁଷ୍ୟର ସଚ୍ଚୋଟପଣିଆ ଓ ବିଶ୍ୱସନୀୟତା ଚିରସ୍ଥାୟୀ ରହୁନାହିଁ ବା ସେଥିରେ ଦୃଢ଼ତା ଥିବାର ଦେଖାଯାଏ ନାହିଁ । ନୈତିକ ମୂଲ୍ୟ ଖୁବ୍ ହ୍ରାସ ପାଇଛି । ଅଫିସ୍ ହେଉ ବା ବ୍ୟବସାୟ ହେଉ, ଘର ହେଉ ବା ସେବା ପ୍ରତିଷ୍ଠାନ ହେଉ, ପ୍ରତି କ୍ଷେତ୍ରରେ ପରସ୍ପର ସୁ-ସମ୍ବନ୍ଧ ରଖି, ନିଜକୁ ଖାପ ଖୁଆଇ ମିଳିମିଶି ଚଳିବା ନିତାନ୍ତ ଦରକାର । ନିଜକୁ ଦୋଷ ଦୁର୍ବଳତାରୁ ଦୂରେଇ ରଖି ନିୟନ୍ତ୍ରିତ ହୋଇ ଚଳିବାକୁ ହେଲେ ପ୍ରଚୁର ମନୋବଳ ଆବଶ୍ୟକ । ଏଥିପାଇଁ 'ଯୋଗ' ବହୁତ ସହାୟକ ହୋଇପାରେ ।

ଅନ୍ୟକୁ ଶାନ୍ତିର ମାର୍ଗ ପ୍ରଦର୍ଶନ କରାଇବା ପ୍ରକୃତ ସମାଜସେବା ବୋଲି ପ୍ରତ୍ୟେକ ବ୍ରହ୍ମାକୁମାର-ବ୍ରହ୍ମାକୁମାରୀ ଭାବିଥା'ନ୍ତି । ସେ ପ୍ରତ୍ୟେକଙ୍କୁ ଏହି ଜ୍ଞାନ ଶୁଣାଇଥା'ନ୍ତି ଯେ ପବିତ୍ର ଜୀବନରୂପୀ ବୃକ୍ଷର ଶାନ୍ତି ହିଁ ପ୍ରକୃତ ଫଳ । ପବିତ୍ରତା ଓ ଶାନ୍ତି ପାଇଁ ପରମପିତା ପରମାତ୍ମାଙ୍କର ପରିଚୟ ତଥା ତାଙ୍କ ସହିତ ମନର ସମ୍ବନ୍ଧ ଯୋଡିବା ଜରୁରୀ ମନେକରାଯାଏ । ଏଣୁ ସେମାନେ ସମସ୍ତଙ୍କୁ ରାଜଯୋଗ ଶିକ୍ଷାକେନ୍ଦ୍ର ଅଥବା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର କୌଣସି ସେବାକେନ୍ଦ୍ରରେ ପଦାର୍ପଣ କରିବା ପାଇଁ ଆମନ୍ତ୍ରଣ କରିଥା'ନ୍ତି, ଯେଉଁଠି ରାଜଯୋଗର ଅଭ୍ୟାସ କିପରି କରାଯାଇପାରିବ ଏବଂ ଜୀବନକୁ କମଳପୁଷ୍ପ ତୁଲ୍ୟ କରି କିପରି ଗଢ଼ାଯାଇପାରିବ ତା'ର ଯଥାର୍ଥ ଜ୍ଞାନ ଦିଆଯାଇଥାଏ । ଏହି ଜ୍ଞାନ ଓ ଯୋଗକୁ ଉପଲବ୍ଧି କରିବାର ଫଳସ୍ୱରୂପ ଦେଖାଯାଇଥାଏ ଯେ ଯଦି କେହି ଅଫିସ୍‌ରେ କାମ କରୁଛି ବା ରନ୍ଧନଶାଳାରେ କାର୍ଯ୍ୟରତ ଅଛି, ତେବେ ବି ସେ ଶାନ୍ତିର ସାଗର ପରମପିତାଙ୍କ ସହିତ ନିଜ ବୁଦ୍ଧିର ସମ୍ବନ୍ଧ ସ୍ଥାପନ କରିପାରୁଛି । ଏହାର ଶ୍ରେଷ୍ଠ ପରିଣାମ ଏ ପ୍ରକାର ହୋଇଥାଏ, ସାରା ପରିବାର ସ୍ନେହ ଓ ଶାନ୍ତିର ସୂତ୍ରରେ ଆବଦ୍ଧ ହୋଇଯାଆନ୍ତି । ଯେକୌଣସି ବାତାବରଣ ହେଉନା କାହିଁକି, ସେମାନେ ଶାନ୍ତି ଓ ଆନନ୍ଦ ଅନୁଭବ କରିଥା'ନ୍ତି, ଯାହାଦ୍ୱାରା ସେ ପରିବାର ଏକ ସୁବ୍ୟବସ୍ଥିତ ଏବଂ ସୁସଙ୍ଗଠିତ ପରିବାର ରୂପେ ଠିଆହୋଇ ପାରିଥାଏ ।

ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ ଖରାପ ବିଚାର ତ୍ୟାଗ କରି ସଦ୍‌ଗୁଣ ଧାରଣ କରିଥାଏ । ଏଥିପାଇଁ ଯେଉଁ ମନୋବଳ ଆବଶ୍ୟକ ତାହା ମନୁଷ୍ୟକୁ ଯୋଗଦ୍ୱାରା ମିଳିଥାଏ । ଏହି ପ୍ରକାର ମନୁଷ୍ୟ ନିଜର ଜୀବନକୁ କମଳପୁଷ୍ପ ତୁଲ୍ୟ କରି ଗଢ଼ିବାର ଯୋଗ୍ୟତା ପ୍ରାପ୍ତ କରିଥାଏ ।

କମଳପୁଷ୍ପର ବିଶେଷତ୍ୱ ହେଉଛି, ତାହା ପାଣିରେ ରହି ମଧ୍ୟ ପାଣିଠାରୁ ପୃଥକ୍ ରହିଥାଏ, ଯଦିଓ କମଳପୁଷ୍ପର ଅନ୍ୟ ଅଂଶ ଯଥା - କମଳପୁଷ୍ପର ପତ୍ର, ନାଡ ଇତ୍ୟାଦି ପାଣି ଓ ପଙ୍କରେ ଥାଏ କିନ୍ତୁ କମଳପୁଷ୍ପ ସମସ୍ତଙ୍କ ଊର୍ଦ୍ଧ୍ୱରେ ରହିଥାଏ । ସେହିପ୍ରକାର ଆମକୁ ସଂସାରରେ ନିଜର ଆତ୍ମୀୟ ସ୍ୱଜନଙ୍କ ଭିତରେ ରହି ମଧ୍ୟ ସେମାନଙ୍କଠାରୁ ଅଲଗା ଅର୍ଥାତ୍ ମୋହଶୂନ୍ୟ ହୋଇ ରହିବା ଉଚିତ ।

କେତେକ କହନ୍ତି, ଗୃହସ୍ଥ ଅବସ୍ଥାରେ ଏପରିଭାବେ ରହିବା ଅସମ୍ଭବ । କିନ୍ତୁ ଆମେ ଦେଖୁଛେ, ହସ୍‌ପିଟାଲ୍‌ରେ ନର୍ସ ଅନେକ ପିଲାଛୁଆଙ୍କର ସେବା କରୁଥିଲେ ମଧ୍ୟ ସେମାନଙ୍କ ସହିତ ତା'ର ମୋହ ନଥାଏ । ସେହିପରି ଆମକୁ ରହିବା ଦରକାର । ଆମେ ସମସ୍ତଙ୍କୁ ପରମପିତା ପରମାତ୍ମାଙ୍କର ସନ୍ତାନ ହିସାବରେ ନିମିତ୍ତ ମାତ୍ର (Trustee) ହୋଇ ସେମାନଙ୍କ ସହିତ ବ୍ୟବହାର କରିବା ଉଚିତ । ଜଣେ ବିଚାରପତି ମଧ୍ୟ ସୁଖ ବା ଦୁଃଖର ରାୟ ଶୁଣାଇଥା'ନ୍ତି; କିନ୍ତୁ ସେ ନିଜେ ଭଲ-ମନ୍ଦ ଫଳାଫଳର ପ୍ରଭାବର ଅଧୀନରେ ଆସିନଥା'ନ୍ତି । ସେହିପରି ଆମେ ମଧ୍ୟ ସୁଖ, ଦୁଃଖ ପରିସ୍ଥିତିରେ ସାକ୍ଷୀଦ୍ରଷ୍ଟା ହୋଇ ରହିପାରିବା ସେଥିପାଇଁ ପରିସ୍ଥିତିର ପ୍ରଭାବରେ ନଆସିବା ପାଇଁ ସହଜ ରାଜଯୋଗ ଶିଖିବା ଆବଶ୍ୟକ ।

# ରାଜଯୋଗର ଆଧାର ତଥା ବିଧି

ସମ୍ପୂର୍ଣ୍ଣ ସ୍ଥିତି ପ୍ରାପ୍ତ କରିବା ପାଇଁ ଏବଂ ଅତି ଶୀଘ୍ର ଆଧ୍ୟାତ୍ମିକତାରେ ଉନ୍ନତି ପ୍ରାପ୍ତ କରିବା ପାଇଁ ରାଜଯୋଗର ନିରନ୍ତର ଅଭ୍ୟାସ ନିତାନ୍ତ ଆବଶ୍ୟକ, ଅର୍ଥାତ୍ କାର୍ଯ୍ୟ ବ୍ୟବହାରରେ ଆସି ମଧ୍ୟ ଆମେ ପରମାତ୍ମାଙ୍କ ସ୍ମୃତିରେ ରହିବା ଜରୁରୀ ।

ଯଦିଓ ନିରନ୍ତର ଯୋଗଦ୍ୱାରା ମନୁଷ୍ୟର ବହୁତ କିଛି ଲାଭ ହୋଇପାରେ ଏବଂ ସେ ସର୍ବୋତ୍ତମ ସ୍ଥିତିରେ ପହଞ୍ଚିପାରେ, ତଥାପି ବିଶେଷରୂପେ ଯୋଗରେ ବସିବା ଅତ୍ୟାବଶ୍ୟକ । ସେଥିପାଇଁ ଚିତ୍ରରେ ଦେଖାଇ ଦିଆଯାଇଛି ଯେ ପରମାତ୍ମାଙ୍କୁ ମନେପକାଇବା ସମୟରେ ବୁଦ୍ଧିକୁ ଚାରିଆଡୁ ପ୍ରତ୍ୟାହାର କରି ଏକ ଜ୍ୟୋତିର୍ବିନ୍ଦୁ ପରମାତ୍ମା ଶିବଙ୍କ ସହିତ ସଂଯୋଗ କରିବାକୁ ପଡିବ । ମନ ଚଞ୍ଚଳ ହେବା କାରଣରୁ କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର ଅଥବା ଶାସ୍ତ୍ର-ପୁରାଣ, ଗୁରୁଗୋସାଇଁଙ୍କ ଆଡକୁ ଦୌଡୁଛି; ମାତ୍ର ଅଭ୍ୟାସ ଦ୍ୱାରା ମନକୁ ପରମାତ୍ମାଙ୍କ ସ୍ମୃତିରେ ରଖିବାକୁ ହେବ । ଏଣୁ ଦେହ ସହିତ ଦେହର ସର୍ବସମ୍ବନ୍ଧକୁ ଭୁଲି ଆତ୍ମସ୍ୱରୂପରେ ରହି ବୁଦ୍ଧିରେ ଜ୍ୟୋତିର୍ବିନ୍ଦୁ ପରମାତ୍ମା ଶିବଙ୍କୁ ସ୍ନେହଯୁକ୍ତ ସ୍ମୃତିରେ ରଖିବା ହିଁ ବାସ୍ତବିକ ଯୋଗ । ଯାହାକି ଚିତ୍ରରେ ଦେଖାଇ ଦିଆଯାଇଛି ।

କେତେକ ମନୁଷ୍ୟ ଯୋଗକୁ କଷ୍ଟସାଧ ବୋଲି ଭାବିଥା'ନ୍ତି ଏବଂ ଅନେକ ପ୍ରକାର ହଠକ୍ରିୟା, ଜପ-ତପ, ପ୍ରାଣାୟାମ ଆଦି କରିଥା'ନ୍ତି । କିନ୍ତୁ ବାସ୍ତବରେ ଯୋଗ ଅତି ସହଜ । ଯେପରି ଜଣେ ବାଳକକୁ ତା'ର ଦେହଧାରୀ ପିତାଙ୍କର ସ୍ମୃତି ସହଜରେ ଓ ଆପେ ଆପେ ଆସିଥାଏ, ସେହିପରି ଆତ୍ମାର ପିତା ପରମାତ୍ମାଙ୍କର ସ୍ମୃତି ସ୍ୱତଃ ଓ ସହଜ ହେବା ଦରକାର । ଏହି ଅଭ୍ୟାସ ପାଇଁ ଚିନ୍ତା କରିବା ଦରକାର ଯେ 'ମୁଁ' ଗୋଟିଏ ଆତ୍ମା, ମୁଁ ଜ୍ୟୋତିର୍ବିନ୍ଦୁସ୍ୱରୂପ ଏବଂ ଜ୍ୟୋତିର୍ବିନ୍ଦୁ ପରମାତ୍ମା ଶିବଙ୍କର ଅବିନାଶୀ ସନ୍ତାନ । ମୋର ପିତା ପରମାତ୍ମା ବ୍ରହ୍ମଲୋକବାସୀ, ଶାନ୍ତିର ସାଗର, ଆନନ୍ଦର ସାଗର, ପ୍ରେମର ସାଗର ଏବଂ ସର୍ବଶକ୍ତିମାନ୍ । ଏପରି ମନରେ ଚିନ୍ତା କରି ମନକୁ ବ୍ରହ୍ମଲୋକରେ ପରମପିତା ପରମାତ୍ମା ଶିବଙ୍କଠାରେ ଲଗାଇବା ସହିତ ତାଙ୍କର ଦିବ୍ୟଗୁଣ ଓ କର୍ତ୍ତବ୍ୟକୁ ଧ୍ୟାନ କରିବା ଦରକାର ।


ମନ ଏ ପ୍ରକାରର ସ୍ମୃତିରେ ମଜ୍ଜିଗଲେ ସାଂସାରିକ ସମ୍ବନ୍ଧ ଓ ବସ୍ତୁର ଆକର୍ଷଣ ଅନୁଭବ ହେବନାହିଁ । ପରମାତ୍ମାଙ୍କ ଦ୍ୱାରା ଶିକ୍ଷା ଦିଆଯାଇଥିବା ଜ୍ଞାନରେ ନିଶ୍ଚୟତା ଯେତେ ଦୃଢ଼ ହେବ, ସେତିକି ସାଂସାରିକ ବିଚାର୍ ଓ ଦେହଧାରୀ ସମ୍ବନ୍ଧର ସ୍ମୃତି ମନରେ ଆସିବ ନାହିଁ ଏବଂ ସେତିକି ନିଜ ସ୍ୱରୂପ ସହ ପରମାତ୍ମାଙ୍କ ଗୁଣ ଅନୁଭୂତ ହେବ ।

ଆଜି ଅନେକ ଲୋକ କହିଥା'ନ୍ତି, ଆମର ମନ ପରମାତ୍ମାଙ୍କଠାରେ ଲାଗୁନାହିଁ ଅଥବା ଆମର ଯୋଗ ଲାଗୁନାହିଁ । ଏହାର ମୂଳ କାରଣ ହେଲା, ସେମାନେ ଆତ୍ମନିଶ୍ଚିତ ଅବସ୍ଥାରେ ରହୁନାହାନ୍ତି । ଏକଥା ଜଣାଅଛି,. ଯେତେବେଳେ ବିଦ୍ୟୁତ୍‌ର ଦୁଇଟି ତାରକୁ ଯୋଡିବାକୁ ପଡିଥାଏ ସେତେବେଳେ ତା'ଉପରୁ ରବରର ଆବରଣ ଦୂର କରାଯିବା ପରେ ସେଥିରେ ବିଦ୍ୟୁତ ସ୍ରୋତ ପ୍ରବାହିତ ହୁଏ । ଏହି ପ୍ରକାର ଯଦି କେହି ନିଜେ ଦେହର ସ୍ମୃତିରେ ଥା'ନ୍ତି, ତେବେ ତାଙ୍କୁ ଅବ୍ୟକ୍ତ ସ୍ଥିତିର ଅନୁଭୂତି ହୁଏ ନାହିଁ । ତା' ମନର ତାର ପରମାତ୍ମାଙ୍କ ସହିତ ଯୋଡି ହୋଇପାରେ ନାହିଁ ।


ଦ୍ୱିତୀୟ କାରଣ ହେଲା, ପରମାତ୍ମାଙ୍କୁ ନାମ-ରୂପରୁ ନିଆରା ଓ ସର୍ବବ୍ୟାପୀ ବୋଲି ମାନି ଥାଆନ୍ତି । ଏହାଦ୍ୱାରା ସେ ମନକୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଲଗାଇପାରନ୍ତି ନାହିଁ । କିନ୍ତୁ ଏବେ ତ ସ୍ପଷ୍ଟଭାବରେ ବୁଝାଇ ଦିଆଯାଇଛି, ପରମାତ୍ମାଙ୍କର ଦିବ୍ୟ ନାମ ଶିବ, ଦିବ୍ୟରୂପ ଜ୍ୟୋତିର୍ବିନ୍ଦୁ ଏବଂ ଦିବ୍ୟଧାମ ପରମଧାମ ଅଥବା ବ୍ରହ୍ମଲୋକ ଅଟେ । ଏଣୁ ମନକୁ ସେହିପ୍ରକାର ଏକାଗ୍ର କରାଯାଇପାରେ ।

ତୃତୀୟ କାରଣ- ସେମାନଙ୍କୁ ପରମାତ୍ମାଙ୍କ ସହିତ ନିଜର ଘନିଷ୍ଠ ସମ୍ବନ୍ଧର ପରିଚୟ ନାହିଁ । ଏଥିଯୋଗୁ ପରମାତ୍ମାଙ୍କ ସହିତ ଆତ୍ମୀୟତା ଓ ଘନିଷ୍ଠ ସ୍ନେହ ନାହିଁ । ଏବେ ଏହି ଜ୍ଞାନ ମିଳିଯାଇ ଥିବାରୁ ଆମକୁ ବ୍ରହ୍ମଲୋକବାସୀ ପରମପ୍ରିୟ ପରମାତ୍ମା ଶିବ-ଜ୍ୟୋତିର୍ବିନ୍ଦୁଙ୍କ ସ୍ମୃତିରେ ରହିବା ଦରକାର ।

# ରାଜଯୋଗର ଆଧାର ତଥା ବିଧି



# ରାଜଯୋଗର ସ୍ତମ୍ଭ ଅଥବା ନିୟମ



# ରାଜଯୋଗର ସ୍ତମ୍ଭ ଅଥବା ନିୟମ

ବାସ୍ତବରେ 'ଯୋଗ'ର ଅର୍ଥ ଜ୍ଞାନର ସାଗର, ଶାନ୍ତିର ସାଗର, ଆନନ୍ଦର ସାଗର, ପ୍ରେମର ସାଗର, ସର୍ବଶକ୍ତିମାନ, ପତିତପାବନ, ପରମାତ୍ମା ଶିବଙ୍କ ସହିତ ଆତ୍ମାର ସମ୍ବନ୍ଧ ଯୋଡିବା, ଯାହାଦ୍ୱାରା ଆତ୍ମାକୁ ମଧ୍ୟ ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା, ଶକ୍ତି ଓ ଦୈବୀଗୁଣରୂପୀ ସମ୍ପତ୍ତି ପ୍ରାପ୍ତ ହେଉ ।

ଯୋଗାଭ୍ୟାସ ପାଇଁ ପ୍ରତ୍ୟେକଙ୍କୁ ନିଜ ଆଚରଣରେ କେତେକ ନିୟମ ଅଥବା ଦୈବୀ ଶୃଙ୍ଖଳା ପାଳନ କରିବାକୁ ପଡିଥାଏ । ଯୋଗର ଉଦ୍ଦେଶ୍ୟ, ମନକୁ ଶୁଦ୍ଧ କରିବା, ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ଏବଂ ଚିତ୍ତବୃତ୍ତିକୁ ସଦା ପ୍ରସନ୍ନ ଅର୍ଥାତ୍ ହର୍ଷୋତ୍‌ଫୁଲ୍ଲ କରିବା । ସେଥିପାଇଁ ଯୋଗର ଶ୍ରେଷ୍ଠ ସ୍ଥିତି କେଉଁ କେଉଁ ଆଧାରରୂପୀ ସ୍ତମ୍ଭ ଉପରେ ନିର୍ଭରଶୀଳ, ତାହା ଜାଣିବା ଆବଶ୍ୟକ ।

ଏଥିମଧ୍ୟରୁ ଗୋଟିଏ ହେଲା 'ବ୍ରହ୍ମଚର୍ଯ୍ୟ ବା ପବିତ୍ରତା' । ଯୋଗୀ ଶାରୀରିକ ସୌନ୍ଦର୍ଯ୍ୟ ବା ଭୋଗବିଳାସ ପ୍ରତି ଆକର୍ଷିତ ହୋଇନଥାଏ କାରଣ ତା'ର ଦୃଷ୍ଟିକୋଣ ବଦଳିଯାଇଥାଏ । ସେ ଆତ୍ମାର ସୌନ୍ଦର୍ଯ୍ୟକୁ ବେଶୀ ମହତ୍ତ୍ୱ ଦେଇଥାଏ । ତା' ଜୀବନ 'ବ୍ରହ୍ମଚର୍ଯ୍ୟ' ଶବ୍ଦରୂପୀ ଅସଲି ଛାଞ୍ଚରେ ଗଢ଼ା ହୋଇଥାଏ ଅର୍ଥାତ୍ ତା'ର ମନ ବ୍ରହ୍ମରେ ସ୍ଥିତ ହୋଇଥାଏ ଏବଂ ଦେହ ଅପେକ୍ଷା ବିଦେହୀ (ଆତ୍ମାଭିମାନୀ) ଅବସ୍ଥାରେ ରହିଥାଏ । ସେ ସମସ୍ତଙ୍କୁ ଭାଇ ଭାଇ ଦୃଷ୍ଟିରେ ଦେଖିଥାଏ ଏବଂ ଆତ୍ମିକ ପ୍ରେମ ସମ୍ବନ୍ଧରେ ଆନନ୍ଦ ଉପଭୋଗ କରିଥାଏ । ଏହିପ୍ରକାର ଆତ୍ମିକ ସ୍ମୃତି ଓ ବ୍ରହ୍ମଚର୍ଯ୍ୟ ତାକୁ ପ୍ରଚୁର ଶାରୀରିକ ଶକ୍ତି, କାର୍ଯ୍ୟଦକ୍ଷତା, ନୈତିକ ବଳ ଓ ଆତ୍ମିକବଳ ଦେଇଥାଏ । ଏହା ତାହାର ମନୋବଳକୁ ବୃଦ୍ଧି କରିଥାଏ ଏବଂ ନିର୍ଣ୍ଣୟଶକ୍ତି, ମାନସିକ ସନ୍ତୁଳନ ଓ କୁଶଳତା ପ୍ରଦାନ କରିଥାଏ ।

ଅନ୍ୟ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭ 'ଶୁଦ୍ଧଭୋଜନ' । ମନୁଷ୍ୟର ଆହାରର ଗଭୀର ପ୍ରଭାବ ମନ ଉପରେ ପଡିଥାଏ । ଏଥିପାଇଁ ଯୋଗୀ ମାଂସ, ଅଣ୍ଡା, ଉତ୍ତେଜନାପୂର୍ଣ୍ଣ ପାନୀୟ ଓ ତମାଖୁ ଆଦି ସେବନ କରିନଥାଏ । ନିଜର ପେଟପୋଷିବା ପାଇଁ ଅନ୍ୟ ପ୍ରାଣୀକୁ ବଧ କରିନଥାଏ ବା ଅସତ୍‌ପଥ ଆଚରଣ କରି ଧନ ଉପାର୍ଜନ କରିନଥାଏ । ସେ ପ୍ରଥମେ ଭଗବାନଙ୍କୁ ଭୋଗ ସ୍ୱୀକାର କରାଇ ପ୍ରସାଦରୂପେ ଖାଦ୍ୟପଦାର୍ଥ ଗ୍ରହଣ କରିଥାଏ । ଭଗବାନଙ୍କ ଦ୍ୱାରା ସ୍ୱୀକୃତ ଭୋଜନ ତାହାର ମନକୁ ଶାନ୍ତି ଓ ପବିତ୍ରତା ପ୍ରଦାନ କରିଥାଏ । ତେଣୁ 'ଯେପରି ଅନ୍ନ, ସେପରି ମନ' କହିବା ତାତ୍ପର୍ଯ୍ୟ ହେଉଛି ଯେ ତା'ର ମନ ଶୁଦ୍ଧ ହୋଇଥାଏ ଏବଂ ତା'ର କାମନା କଲ୍ୟାଣକାରୀ ତଥା ଶୁଭଭାବନା ହୋଇଥାଏ ।

ଅନ୍ୟ ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭଟି ହେଲା 'ସତ୍‌ସଙ୍ଗ' । 'ଯେପରି ସଙ୍ଗ, ସେପରି ରଙ୍ଗ' କହିବା ତାତ୍ପର୍ଯ୍ୟ ଏହି ଯେ ଯୋଗୀ ସର୍ବଦା ଏହି କଥାରେ ଗୁରୁତ୍ୱ ରଖିଥାଏ । ତା'ର ସର୍ବଦା ସତ୍-ଚିତ୍-ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ସହିତ ସମ୍ବନ୍ଧ ରହିଥାଏ । ସେ କେବେ ହେଲେ କୁସଙ୍ଗ, ଅଶ୍ଳୀଳ ସାହିତ୍ୟ, ଅଥବା ଖରାପ ବିଚାରରେ ନିଜର ସମୟ ବ୍ୟର୍ଥରେ କଟାଇ ନଥାଏ । ସେ ପ୍ରଭୁଙ୍କ ସ୍ମୃତିରେ ମଗ୍ନ ରହିଥାଏ । ଅଜ୍ଞାନୀ, ମିଥ୍ୟା-ଅଭିମାନୀ ଅଥବା ବିକାରୀ ଦେହଧାରୀ ମନୁଷ୍ୟକୁ ମନେପକାଇ ନଥାଏ ବା ସମ୍ବନ୍ଧ ରଖି ନଥାଏ ।

ଚତୁର୍ଥ ସ୍ତମ୍ଭଟି ହେଲ 'ଦିବ୍ୟଗୁଣ' । ଯୋଗୀ ସର୍ବଦା ଦିବ୍ୟଗୁଣ, ଦିବ୍ୟବିଚାର ତଥା ଦିବ୍ୟକର୍ମର ସୁଗନ୍ଧଦ୍ୱାରା ଅନ୍ୟ ଆତ୍ମାମାନଙ୍କୁ ସୁଗନ୍ଧିତ କରାଇଥାଏ । ସେ ଆସୁରୀ ସ୍ୱଭାବ, ବିଚାର ଓ କର୍ମର ବଶୀଭୂତ ହୋଇନଥାଏ । ବିନମ୍ରତା, ସନ୍ତୋଷ, ହର୍ଷିତମୁଖତା, ଗମ୍ଭୀରତା, ଅନ୍ତର୍ମୁଖତା, ସହିଷ୍ଣୁତା ଓ ଅନ୍ୟ ଦିବ୍ୟଗୁଣଗୁଡିକୁ ଧାରଣ କରିଥାଏ ଏବଂ ତତ୍ ସହିତ ଦୁଃଖୀ, ଅଶାନ୍ତ ପଥଭ୍ରଷ୍ଟ ଆତ୍ମାମାନଙ୍କୁ ନିଜର ଗୁଣ ଦାନ କରିଥାଏ । ସେମାନଙ୍କୁ ଜୀବନରେ ସୁଖ-ଶାନ୍ତି ଆଣି ଦେଇଥାଏ । ଏହି ନିୟମଗୁଡିକୁ ପାଳନ କଲେ ମନୁଷ୍ୟ ବାସ୍ତବ ଯୋଗୀ ଜୀବନ ଗଢ଼ିପାରିବ ତଥା ରୋଗ, ଶୋକ, ଦୁଃଖ ଓ ଅଶାନ୍ତି ଭୂତ କବଳରୁ ରକ୍ଷା ପାଇପାରିବ ।

# ରାଜଯୋଗରୁ ପ୍ରାପ୍ତି- ଅଷ୍ଟଶକ୍ତି

ରାଜଯୋଗ ଅଭ୍ୟାସରେ ଅର୍ଥାତ୍ ମନର ସମ୍ବନ୍ଧ ପରମପିତା ପରମାତ୍ମାଙ୍କ ସହିତ ଯୋଡିଲେ ଅବିନାଶୀ ସୁଖ- ଶାନ୍ତି ପ୍ରାପ୍ତି ହେବା ସଙ୍ଗେ ସଙ୍ଗେ ଅନେକ ପ୍ରକାରର ଆଧ୍ୟାତ୍ମିକ ଶକ୍ତି ମଧ୍ୟ ପ୍ରାପ୍ତି ହୋଇଥାଏ । ଏଥିମଧ୍ୟରୁ ଆଠଟି ମୁଖ୍ୟ ଓ ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ ।

ପ୍ରଥମ ହେଲା **'ସଂକୋଚନ ଓ ସଂପ୍ରସାରଣ'** ଶକ୍ତି । ଯେପରି କଇଁଛ ନିଜର ଅଙ୍ଗପ୍ରତ୍ୟଙ୍ଗକୁ ଇଚ୍ଛାନୁସାରେ ସଙ୍କୁଚିତ ଓ ବିସ୍ତାରିତ କରିପାରେ, ଠିକ୍ ସେହିପରି ରାଜଯୋଗୀ ଇଚ୍ଛାନୁଯାୟୀ ନିଜର କର୍ମେନ୍ଦ୍ରିୟ ଦ୍ୱାରା କର୍ମ କରିଥାଏ। ଇଚ୍ଛା ଅନୁସାରେ ବିଦେହୀ ଓ ଶାନ୍ତ ଅବସ୍ଥାରେ ରହିପାରେ । ଏପରି ଅବସ୍ଥାରେ ରହିଲେ ମାୟା ଆକ୍ରମଣ କରିପାରେ ନାହିଁ ।

ଦ୍ୱିତୀୟ ଶକ୍ତି ହେଲା **'ଏକତ୍ରୀକରଣ ଶକ୍ତି'** । ଏହି ସଂସାରକୁ ସମସ୍ତେ ପ୍ରତୀକ୍ଷାଳୟ କହିଥାନ୍ତି; କିନ୍ତୁ ବ୍ୟାବହାରିକ ଜୀବନ ଏତେ ବିସ୍ତାରିତ ଯେ ନିଜର କାର୍ଯ୍ୟ ଓ ବୁଦ୍ଧିକୁ ସେମାନେ ଏକାଗ୍ର କରିବାକୁ ଚାହିଁଲେ ମଧ୍ୟ କରିପାରନ୍ତି ନାହିଁ । କିନ୍ତୁ ଯୋଗୀ ନିଜର ବୁଦ୍ଧିକୁ ଏହି ବିଶାଳ ଦୁନିଆଁରେ ବିସ୍ତାରିତ ନକରି ଏକ ପରମପିତା ପରମାତ୍ମାଙ୍କ ସହିତ ଯଥା: ଆତ୍ମିକ ସମ୍ବନ୍ଧର ସ୍ମୃତିରେ ନିଜର ବୁଦ୍ଧିକୁ ଲଗାଇ ରଖିଥାଏ । ସେ କଳିଯୁଗୀ ସଂସାରରୁ ନିଜର ବୁଦ୍ଧି ଓ ସଂକଳ୍ପରୂପୀ ପେଡି ବା ବାକ୍ସ ସାଉଁଟି ସର୍ବଦା ନିଜର ପରମଧାମକୁ ଯିବା ପାଇଁ ପ୍ରସ୍ତୁତ ହୋଇ ରହିଥାଏ ।

ତୃତୀୟ ଶକ୍ତି ହେଉଛି - **'ସହନ ଶକ୍ତି'** । ଯେପରି ବୃକ୍ଷକୁ ପଥର ଫୋପାଡିଲେ ମଧ୍ୟ ବୃକ୍ଷ ମିଠାଫଳ ଦେଇଥାଏ, ଅପକାରୀର ଉପକାର କରିଥାଏ, ସେହିପରି ଏକ ଯୋଗୀ ସର୍ବଦା ଅପକାରୀ ପ୍ରତି ଶୁଭଭାବନା ଓ ଶୁଭକାମନା ହିଁ ରଖିଥାଏ ।

ଚତୁର୍ଥ ଶକ୍ତି - **'ଅନ୍ତଃକରଣୀୟ ଶକ୍ତି'** । ଯୋଗାଭ୍ୟାସ ମନୁଷ୍ୟ ବୁଦ୍ଧିକୁ ବିଶାଳ କରିଦେଇ ଗମ୍ଭୀରତା ଓ ମର୍ଯ୍ୟାଦାଗୁଣ ଧାରଣ କରିଥାଏ । ଅଳ୍ପ ଖୁସୀ, ମାନ୍ୟତା ଓ କ୍ଷମତା ପାଇଁ ଅଭିମାନୀ ହୋଇଯାଏ ନାହିଁ ନା କୌଣସି ଅଭାବ ବା କ୍ଷତିରେ ଦୁଃଖୀ ହୋଇଯାଏ ନାହିଁ । ସେ ସାଗର ପରି ଗମ୍ଭୀର ରହି ଅନ୍ୟ ଆତ୍ମାର ଅବଗୁଣ ନଦେଖି କେବଳ ଗୁଣ ଧାରଣ କରିଥାଏ ଏବଂ ଦୈବୀକୁଳ ମର୍ଯ୍ୟାଦାର ବନ୍ଧନରେ ବାନ୍ଧିହୋଇ ରହିଥାଏ ।

ଯୋଗଦ୍ୱାରା ପ୍ରାପ୍ତ ଅନ୍ୟ ଶକ୍ତି ହେଉଛି **'ପରଖିବା ଶକ୍ତି'** । ବଣିଆ ଅଳଙ୍କାରକୁ କଷଟିପଥରରେ ପରୀକ୍ଷା କରି ଅସଲି ଓ ନକଲି ଜାଣି ପାରିଲା ଭଳି ଯୋଗୀ ମଧ୍ୟ କୌଣସି ମନୁଷ୍ୟାତ୍ମା ସମ୍ପର୍କରେ ଆସିଲେ ତାକୁ ଚିହ୍ନିପାରିଥାଏ । ତା' ପାଖରେ ମିଛ ସତ ଲୁଚି ରହିପାରେ ନାହିଁ । ସେ ସର୍ବଦା ଅସଲ ଜ୍ଞାନରତ୍ନକୁ ହିଁ ଗ୍ରହଣ କରିଥାଏ ତଥା ଅଜ୍ଞାନରୂପୀ ମିଥ୍ୟା ଗୋଡି ପଥରକୁ ବୁଦ୍ଧିରେ ରଖିନଥାଏ ।

ଯୋଗୀକୁ **'ନିର୍ଣ୍ଣୟ ଶକ୍ତି'** ସ୍ୱତଃ ପ୍ରାପ୍ତ ହୋଇଥାଏ । ସେ ଉଚିତ, ଅନୁଚିତ କଥାକୁ ଶୀଘ୍ର ନିର୍ଣ୍ଣୟ କରିପାରିଥାଏ । ସେ ବ୍ୟର୍ଥ ସଂକଳ୍ପ, ପର ଚିନ୍ତନରୁ ମୁକ୍ତ ରହି ସର୍ବଦା ପ୍ରଭୁ ଚିନ୍ତନରେ ରହିଥାଏ । ଯୋଗ ଦ୍ୱାରା **'ସମ୍ମୁଖୀନ ହେବାର ଶକ୍ତି'** ମଧ୍ୟ ପ୍ରାପ୍ତ ହୋଇଥାଏ । ଯଦି ତା' ସମ୍ମୁଖରେ ନିଜର ଆତ୍ମୀୟସ୍ୱଜନଙ୍କର ମୃତ୍ୟୁ ଖବର ମଧ୍ୟ ଆସିଯାଏ ବା ସଂସାରର ସମସ୍ୟା, ପ୍ରବଳ ତୋଫାନ ରୂପ ଧାରଣ କରେ, ତେବେ ସେ କେବେ ବି ବିଚଳିତ ହୋଇନଥାଏ । ତା'ର ଆତ୍ମାରୂପୀ ଦୀପ ସଦା ଜାଜ୍ୱଲ୍ୟମାନ ଥାଏ ତଥା ଅନ୍ୟ ଆତ୍ମାକୁ ଜ୍ଞାନ ପ୍ରକାଶ ବିକୀରଣ କରୁଥାଏ ।


ଅଷ୍ଟମ ଶକ୍ତିଟି ହେଉଛି **'ସହଯୋଗ ଶକ୍ତି'** । ଜଣେ ଯୋଗୀ ନିଜର ଶରୀର, ମନ ଓ ଧନ ଦ୍ୱାରା ଈଶ୍ୱରୀୟ ସେବା କରିଥାଏ, ଯାହାର ଫଳସ୍ୱରୂପ ତାକୁ ଅନ୍ୟ ଆତ୍ମାମାନଙ୍କର ସହଯୋଗ ସ୍ୱତଃ ପ୍ରାପ୍ତ ହୋଇଥାଏ । କଳିଯୁଗୀ (ବିକାରୀ ସଂସ୍କାର) ପାହାଡକୁ ଉଠାଇବାରେ ନିଜର ପବିତ୍ର ଜୀବନରୂପୀ ଅଙ୍ଗୁଳି ଦେଇ ସେ ସ୍ୱର୍ଗ ସ୍ଥାପନାର ବିଶାଳ କାର୍ଯ୍ୟରେ ସହଯୋଗୀ ହୋଇଥାଏ ।

# ରାଜଯୋଗରୁ ପ୍ରାପ୍ତି- ଅଷ୍ଟଶକ୍ତି

## राजयोग द्वारा अष्ट शक्तियों की प्राप्ति
## Attainment of Powers Through Rajyoga.



# ରାଜଯୋଗର ଯାତ୍ରା - ସ୍ୱର୍ଗ ଆଡକୁ



# ରାଜଯୋଗର ଯାତ୍ରା - ସ୍ୱର୍ଗ ଆଡକୁ

ରାଜଯୋଗର ନିରନ୍ତର ଅଭ୍ୟାସ ଦ୍ୱାରା ମନୁଷ୍ୟ ଅନେକ ପ୍ରକାର ଶକ୍ତି ଲାଭ କରିଥାଏ । ଏହି ଶକ୍ତି ଦ୍ୱାରା ମନୁଷ୍ୟ ସାଂସାରିକ ବାଧାବିଘ୍ନକୁ ପାର କରି ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହୋଇଥାଏ । ଆଜି ମନୁଷ୍ୟ ଅନେକ ପ୍ରକାରର ରୋଗ, ଶୋକ, ଚିନ୍ତାରେ ଜଡିତ ଏବଂ ଏହି ସୃଷ୍ଟି ପ୍ରାୟ ନରକତୁଲ୍ୟ ହୋଇଯାଇଛି । ଏଥିରୁ ବାହାରି ସ୍ୱର୍ଗକୁ ଯିବାକୁ ପ୍ରତ୍ୟେକ ପ୍ରାଣୀ ଚାହିଥାଏ । କିନ୍ତୁ ନରକରୁ ସ୍ୱର୍ଗକୁ ଯିବା ରାସ୍ତାରେ କାମ, କ୍ରୋଧ, ଲୋଭ, ମୋହ ଓ ଅହଂକାର ବାଧା ସୃଷ୍ଟି କରିଥାନ୍ତି । ପୁରୁଷୋତ୍ତମ ସଙ୍ଗମଯୁଗରେ ଜ୍ଞାନର ସାଗର ପରମାତ୍ମା 'ଶିବ' ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ଯେଉଁ ସହଜ ରାଜଯୋଗର ଶିକ୍ଷା ଦେଉଛନ୍ତି, ତାକୁ ଧାରଣ କଲେ ମନୁଷ୍ୟ ଏହି ପ୍ରବଳ ଶତ୍ରୁ (ପଞ୍ଚ ବିକାର)ଙ୍କୁ ଜିତି ପାରିବ ।

ଚିତ୍ରରେ ଦେଖାଯାଇଛି – ନରକରୁ ସ୍ୱର୍ଗକୁ ଯିବା ପାଇଁ ପ୍ରଥମେ ମନୁଷ୍ୟଙ୍କୁ କାମ ବିକାରର ସୁଉଚ୍ଚ ତୀକ୍ଷ୍ଣ କାଚ ଦ୍ୱାରା ଆଚ୍ଛାଦିତ ପ୍ରାଚୀରକୁ ପାର କରିବାକୁ ପଡିଥାଏ । ଏହାକୁ ପାର କରିବାରେ କେତେକ ବ୍ୟକ୍ତି ଦେହ-ଅଭିମାନ କାରଣରୁ ସଫଳତା ପାଇ ପାରନ୍ତି ନାହିଁ, ବରଂ ତୀକ୍ଷ୍ଣ କାଚର ଆଘାତରେ ଲହୁ ଲୁହାଣ ହୋଇଯାଆନ୍ତି । ମନୁଷ୍ୟର ବିକାରୀ ଦୃଷ୍ଟି, ବୃତ୍ତି ହିଁ ଏହି ପ୍ରାଚୀରକୁ ପାର ହେବାକୁ ଦିଏ ନାହିଁ । ଏଣୁ ଏହି ବିକାର ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ପବିତ୍ର ଦୃଷ୍ଟି (Civil Eye) ନିତାନ୍ତ ଆବଶ୍ୟକ ।

ଦ୍ୱିତୀୟ ଭୟଙ୍କର ବିଘ୍ନ ହେଲା- କ୍ରୋଧରୂପୀ ଅଗ୍ନିଚକ୍ର । କ୍ରୋଧର ବଶୀଭୂତ ହୋଇ ମନୁଷ୍ୟ ସତ୍ୟ-ଅସତ୍ୟକୁ ଚିହ୍ନିପାରି ନଥାଏ । ତା'ଠାରେ ଈର୍ଷା, ଦ୍ୱେଷ, ଘୃଣା ଆଦି ବିକାରର ସମାବେଶ ହୋଇଥାଏ । ଯାହାର ଅଗ୍ନିରେ ସେ ନିଜେ ଜଳିଥାଏ, ତା'ସହିତ ଅନ୍ୟମାନଙ୍କୁ ମଧ୍ୟ ଜଳାଇଥାଏ । ଏହି ବିଘ୍ନକୁ ଏଡାଇବା ପାଇଁ 'ସ୍ୱଧର୍ମ'ରେ ଅର୍ଥାତ୍ 'ମୁଁ ଆତ୍ମା ଶାନ୍ତିସ୍ୱରୂପ ଅଟେ'- ଏହି ସ୍ଥିତିରେ ସ୍ଥିତ ହେବା ଆବଶ୍ୟକ । ଲୋଭ ମଧ୍ୟ ମନୁଷ୍ୟଙ୍କୁ ସତ୍‌ପଥରୁ ବିଚ୍ୟୁତ କରାଇବା ପାଇଁ ଦଣ୍ଡାୟମାନ । ଲୋଭୀ ମନୁଷ୍ୟକୁ କେବେ ବି ଶାନ୍ତି ମିଳିପାରେ ନାହିଁ । ସେ ତା' ମନକୁ ପରମାତ୍ମାଙ୍କ ଠାରେ ଲଗାଇ ପାରେ ନାହିଁ । ଏଣୁ ସ୍ୱର୍ଗ ସୁଖ ପାଇଁ ମନୁଷ୍ୟଙ୍କୁ ଧନ ସମ୍ପତ୍ତିର ଲାଳସା ଓ ସୁନା ଚାମଚର ଆକର୍ଷଣରୁ ମୁକ୍ତ ହେବାକୁ ପଡିବ ।

ମୋହ ମଧ୍ୟ ଏପରି ଏକ ବିଘ୍ନ ଯାହା ଜାଲ ସଦୃଶ ବିସ୍ତୃତ । ମୋହର ଶକ୍ତ ବନ୍ଧନ ହେତୁ ମନୁଷ୍ୟ ନିଜର ଧର୍ମ ଓ କର୍ମକୁ ଭୁଲି ଯାଇଥାଏ ଏବଂ ହୀନ ପୁରୁଷାର୍ଥୀ ହୋଇଯାଇଥାଏ । ସେଥିପାଇଁ ଗୀତାରେ ଭଗବାନ କହିଛନ୍ତି-- 'ନଷ୍ଟମୋହା ସ୍ମୃତିଲବ୍ଧା' ଅର୍ଥାତ୍ ଦେହ ସହିତ ଦେହର ସର୍ବ ସମ୍ବନ୍ଧରୂପୀ ମୋହ ଜାଲରୁ ବାହାର କରି ଏକ ପରମପିତା ପରମାତ୍ମାଙ୍କ ସ୍ମୃତିରେ ସ୍ଥିତ ରହ ଏବଂ ନିଜର କର୍ତ୍ତବ୍ୟ ସମ୍ପାଦନ କର । ଏହାଦ୍ୱାରା ସ୍ୱର୍ଗ ପ୍ରାପ୍ତି ହୋଇପାରିବ । ସେଥିପାଇଁ ଆବଶ୍ୟକ ପରମାତ୍ମାଙ୍କ ସହିତ ସର୍ବସମ୍ବନ୍ଧ । ତାଙ୍କ ସହିତ ସର୍ବ ସମ୍ବନ୍ଧ ଯୋଡିପାରିଲେ ମୋହ ବନ୍ଧନରୁ ମୁକ୍ତି ମିଳିବା ସହିତ ସ୍ୱର୍ଗୀୟ ସୁଖ-ଶାନ୍ତି ମିଳିପାରିବ ।

ଅହଙ୍କାର ମଧ୍ୟ ମନୁଷ୍ୟର ଉନ୍ନତିର ମାର୍ଗରେ ପାହାଡ ସଦୃଶ ବିଘ୍ନ ରୂପ ଧାରଣ କରିଥାଏ । ଅହଙ୍କାରୀ ମନୁଷ୍ୟ ପରମାତ୍ମାଙ୍କ ସମୀପବର୍ତ୍ତୀ ହୋଇପାରେ ନାହିଁ । ମନୁଷ୍ୟ ଅହଙ୍କାର ବଶତଃ ପର୍ବତ ଶିଖରରୁ ପତନ ହେଲାଭଳି ଅବସ୍ଥା ହୋଇ ଯାଇଥାଏ । ସ୍ୱର୍ଗକୁ ଯିବା ପାଇଁ ଅହଙ୍କାର ଉପରେ ବିଜୟ ପ୍ରାପ୍ତ କରିବା ନିତାନ୍ତ ଆବଶ୍ୟକ । ଏଣୁ ମନେ ରଖିବା ଉଚିତ୍, ଏହି ବିକାର ଉପରେ ବିଜୟ ପ୍ରାପ୍ତ କରି ମନୁଷ୍ୟରୁ ଦେବପଦ ପାଇବା ନରନାରୀ ହିଁ ସ୍ୱର୍ଗକୁ ଯାଇପାରନ୍ତି, ନଚେତ ବ୍ୟକ୍ତି ମୃତ୍ୟୁ ପରେ 'ସ୍ୱର୍ଗବାସୀ ହେଲା' ବୋଲି କହିବା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା ରୂପେ ପ୍ରତୀୟମାନ ହୁଏ । ଯଦି ପ୍ରତ୍ୟେକ ବ୍ୟକ୍ତି ମୃତ୍ୟୁ ପରେ ସ୍ୱର୍ଗ ଯାଉଥା'ନ୍ତି ତେବେ ଜନସଂଖ୍ୟା କମି ଯାଉଥା'ନ୍ତା ଏବଂ ସ୍ୱର୍ଗରେ ଭିଡ ଲାଗିଯାନ୍ତା ତଥା ମୃତବ୍ୟକ୍ତିର କୁଟୁମ୍ବ ଶ୍ରାଦ୍ଧ କରୁନଥା'ନ୍ତେ ।

# ଓଡିଶାରେ ଥିବା ବିଭିନ୍ନ ସେବାକେନ୍ଦ୍ର

୧. ସାହିତ୍ୟ ବିଭାଗ, ସୁଖଶାନ୍ତି ଭବନ, ଝାଞ୍ଜିରୀମଙ୍ଗଳା, କଟକ-୭୫୩୦୦୯
ଫୋନ୍ : ୦୬୭୧-୨୩୪୯୨୧୦, ୨୫୨୪୯୮୨

୨. ବିଶ୍ୱଶାନ୍ତି ସରୋବର, ଅନନ୍ତପୁର, ଫୁଲନଖରା, ଖୋର୍ଦ୍ଧା- ୭୫୪୦୦୧,
ଫୋନ୍ : ୦୬୭୧-୨୩୫୬୦୮୬

୩. କଟକ, କଲେଜ ଛକ- ୭୫୩୦୦୩, ଫୋନ୍ : ୨୬୧୧୪୦୨

୪. କଟକ, ଦେଉଳସାହି, ତୁଳସୀପୁର- ୭୫୩୦୦୮, ଫୋନ୍ : ୨୩୦୬୪୫୧

୫. କଟକ, ଜଗତପୁର, ଭୁବନପୁର, ନିମପୁର ପାଖ, ଫୋନ୍ : ୦୬୭୧-୨୪୯୦୪୦୮

୬. କଟକ, ସେକ୍ଟର-୬, ପ୍ଲଟ୍ ନଂ C/1348, ମାର୍କତନଗର, ସି.ଡି.ଏ., କଟକ, ଫୋନ୍: ୨୩୬୬୪୬୬

୭. ଅନୁଗୁଳ, ଶାନ୍ତି ଅନୁଭୂତି ଧାମ, କଲ୍ୟାଣମଣ୍ଡପଛକ, ଅନୁଗୁଳ- ୭୫୯୧୨୨,
ଫୋନ୍ : ୨୧୧୨୬୩

୮. ଆନନ୍ଦପୁର, ପରମାତ୍ମା ଶକ୍ତି ଅନୁଭୂତି ଭବନ, ଜଅଁଗା,
କେନ୍ଦୁଝର- ୭୫୮୦୨୦, ଫୋନ୍ : ୯୪୩୯୨୯୩୨୭୫

୯. ଅତାବିରା, ପୋଷ୍ଟ ଅଫିସ୍ ପାଖ, ବରଗଡ- ୭୬୮୦୨୭

୧୦. କେନ୍ଦ୍ରାପଡା, ଜ୍ଞାନଜ୍ୟୋତି ଭବନ, ସୁନାଇଲୋ, ଜେଲ୍‌ରୋଡ- ୭୫୪୨୧୧,
ଫୋନ୍ : ୦୬୭୨୭-୨୩୨୩୬୮

୧୧. କେନ୍ଦ୍ରାପଡା, ତପସ୍ୟା ଭବନ, ବଡହାଟ- ୭୫୪୨୧୧, ଫୋନ୍: ୦୬୭୨୭-୨୩୨୧୪୧

୧୨. କେନ୍ଦୁଝରଗଡ - ୭୫୮୦୦୧, ଶାନ୍ତି ସରୋବର, ସାମନ୍ତରାୟପୁର,
ଫୋନ୍ : ୦୬୭୬୬-୨୫୩୦୮୬

୧୩. କୋଣାର୍କ, ଜିଲ୍ଲା-ପୁରୀ, ପିନ୍- ୭୫୨୧୧୧

୧୪. ଖୋର୍ଦ୍ଧା- ୭୫୨୦୫୫, ଶିବଜ୍ୟୋତି ଭବନ, ଗୋଡିପୋଖରୀ ଗଳି,
ଫୋନ୍ : ୦୬୭୫୫-୨୨୦୧୦୮

୧୫. ଛତିଆ- ୭୫୪୦୨୩, ତପସ୍ୟାଭବନ, ଇଚ୍ଛାନଗର ପାଟଣା, କଟକ

୧୬. ଯାଜପୁର ଟାଉନ୍- ୭୫୫୦୦୧, ଭବାନୀଗଞ୍ଜ, ଯାଜପୁର

୧୭. ଯାଜପୁର ରୋଡ- ୭୫୫୦୧୯, ଶ୍ରୀକୃଷ୍ଣ ଭବନ, ମେନ୍‌ରୋଡ୍, ଜିଲ୍ଲା - ଯାଜପୁର,
ଫୋନ୍ : ୦୬୭୨୬-୨୨୦୮୨୨

୧୮. ଜଟଣୀ- ୭୫୨୦୫୦, ରାଜଯୋଗ ଭବନ, ବଡବଜାର, ଫୋନ୍: ୦୬୭୪- ୨୪୯୦୮୩୫

୧୯. ବାରଙ୍ଗ, ବେଲଗଛିଆ, ନରଣପୁର, କଟକ, ଫୋନ୍: ୨୮୭୦୩୫୮

୨୦. ଢେଙ୍କାନାଳ- ୭୫୯୦୦୧, ଜୀବନମୁକ୍ତି ଭବନ, ଲକ୍ଷ୍ମୀ ବଜାର, ଜଗନ୍ନାଥରୋଡ,
ଫୋନ୍ : ୦୬୭୬୨-୨୨୫୬୭୧

୨୧. ନବରଙ୍ଗପୁର- ୭୬୪୦୫୯, ଦିବ୍ୟଜ୍ୟୋତି ଭବନ, ଏଲ୍.ଆଇ.ସି.
କଲୋନୀ, ୫/୧୯, ମେନ୍‌ରୋଡ୍, ଫୋନ୍ : ୦୬୮୫୮-୨୨୨୧୨୦

୨୨. ନରସିଂହପୁର- ୭୫୪୦୩୨, ଶାନ୍ତିଧାମ, ମେନ୍‌ରୋଡ, କଟକ,
ଫୋନ୍ : ୦୬୭୨୧-୨୭୦୨୧୪

୨୩. ସାଲେପୁର, ମାହୁଆତି, କଟକ- ୭୫୪୨୦୨

୨୪. ପାରାଦ୍ୱୀପ- ୭୫୪୧୪୨, ମଧୁବନ, କ୍ୱାଟର ନଂ- M/III- 74,
ପାରାଦ୍ୱୀପ ବନ୍ଦର, ଜଗତସିଂହପୁର, ଫୋନ୍ : ୦୬୭୨୨-୨୨୦୧୧୬

୨୫. ପୁରୀ - ୭୫୨୦୦୧, ମୁକ୍ତିଧାମ, ରାମଚଣ୍ଡୀ ସାହି, ଫୋନ୍ : ୦୬୭୫୨-୨୨୨୪୦୯

୨୬. ଭୁବନେଶ୍ୱର- ୭୫୧୦୧୨, B/1 Unit No- IX , ଜଳେଶ୍ୱର ମନ୍ଦିର ପାଖ,
ଡେଲଟା କଲୋନୀ, ନୟାପଲ୍ଲୀ, ଫୋନ୍ : ୦୬୭୪-୨୫୬୧୫୦୨

୨୭. ଭୁବନେଶ୍ୱର- ୭୫୧୦୨୧, VII- HIG-60 ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର,
ଫୋନ୍ : ୦୬୭୪-୨୭୪୦୬୮୨

୨୮. ଭୁବନେଶ୍ୱର - ୭୫୧୦୨୨, ଓଁ ନିବାସ, ବାୟାବାବା ମନ୍ଦିର ପାଖ, ପ୍ଲଟ୍ ନଂ IX- C/15,
Unit No- IX, ଖୋର୍ଦ୍ଧା, ଫୋନ୍ : ୦୬୭୪-୨୫୪୩୨୪୧, ୨୫୪୫୬୧୧

୨୯. ଭୁବନେଶ୍ୱର- ୭୫୧୦୦୭, B/M- 14, ତପୋବନ, V.S.S. ନଗର, ଖୋର୍ଦ୍ଧା,
ଫୋନ୍ : ୦୬୭୪-୨୫୪୭୮୨୨

୩୦. ଭୁବନେଶ୍ୱର- ୨୫୧୦୧୭, ପ୍ଲଟ୍ ନଂ- ୭୦୬୮, ଆଦିମାତା କଲୋନୀ, ମଞ୍ଚେଶ୍ୱର,
ଫୋନ୍ : ୦୬୭୪-୨୭୪୦୦୪୪

୩୧. ବାଲୁଗାଁ- ୭୫୨୦୩୦, ଚିଲିକା ରୋଡ, ଖୋର୍ଦ୍ଧା, ଫୋନ୍: ୦୬୭୫୬-୨୨୦୮୮୩

୩୨. ବରପାଲି- ୭୬୮୦୨୯, ବରଦାନୀ ଭବନ, ଗାନ୍ଧୀଛକ ନିକଟ, ବରଗଡ,
ଫୋନ୍ : ୦୬୬୪୬-୨୫୬୩୮୩

୩୩. ବାଲେଶ୍ୱର- ୭୫୬୦୦୧, ବିଶ୍ୱ ପ୍ରକାଶ ଭବନ, ଜେଲ୍ ରୋଡ, ଆଜିମାବାଦ
ଫୋନ୍ : ୦୬୭୮୨-୨୬୩୦୩୩

୩୪. ବାରିପଦା- ୭୫୭୦୦୧, ରାଜଯୋଗ ଭବନ, ପୁରୁଣା ହାଟ ସାହି, ୱାର୍ଡ ନଂ- ୬
ଫୋନ୍ : ୦୬୭୯୨-୨୫୪୧୪୩

୩୫. ବାରିପଦା- ୭୫୭୦୦୧, ୱାର୍ଡ ନଂ- ୨୨, ରଘୁନାଥପୁର, ପୋ.ଅ. କଇଁଫୁଲିଆ, ମୟୂରଭଞ୍ଜ

୩୬. ବ୍ରହ୍ମପୁର- ୭୬୦୦୦୯, ପାତ୍ର ଷ୍ଟ୍ରିଟ, ଗଞ୍ଜାମ, ଫୋନ୍ : ୦୬୮୦-୨୨୭୧୨୦୩

୩୭. ବ୍ରହ୍ମପୁର- ୭୯୦୦୦୯, ଶିବସ୍ମୃତି ଭବନ, ଓଁ ଶାନ୍ତି ନଗର, ପୁରୁଣା ବ୍ରହ୍ମପୁର
ହାଇ ସ୍କୁଲ୍ ପାଖ, ବଡବଜାର, ଗଞ୍ଜାମ, ଫୋନ୍ : ୦୬୮୦-୨୩୫୦୩୭୧

୩୮. ବ୍ରହ୍ମପୁର- ୭୯୦୦୦୫, ଶାନ୍ତିକୁଣ୍ଡ, ଗିରିରୋଡ, ଫୋନ୍- ୦୬୮୦-୨୨୦୩୧୦୪

୩୯. କାଳିଆପାଣି ଟାଉନସିପ୍ - ୭୫୫୦୪୭, କ୍ୱାଟର ନଂ ଇ/୬, ଯାଜପୁର,
ଫୋନ୍ : ୬୭୨୬-୨୬୮୯୬୮

୪୦. ଭୁବନ - ୭୫୯୦୧୭, ପୁଆବଜାର, ବସ୍‌ଷ୍ଟାଣ୍ଡ, ଢେଙ୍କାନାଳ,
ଫୋନ୍ : ୯୨୩୭୧୬୭୬୧୨

୪୧. ରାଇରଙ୍ଗପୁର- ୭୫୭୦୪୩, ୱାର୍ଡନଂ-୭, ପୁରୁଣାଘାଟି, ମୟୁରଭଞ୍ଜ,
ଫୋନ୍ : ୦୬୭୯୪-୨୨୨୪୮୬

୪୨. ରାଜଗାଙ୍ଗପୁର- ୭୭୦୦୧୭, ଆତ୍ମ-ଦର୍ଶନ ଭବନ, କେଡିଆ ନର୍ସିଂହୋମ୍ ପାଖ,
ତଳକିପଡା, ସୁନ୍ଦରଗଡ, ଫୋନ୍ : ୦୬୬୨୪-୨୨୨୦୪୫୨

୪୩. ସମ୍ବଲପୁର- ୭୬୮୦୦୧, ଶିବ ଦର୍ଶନ ଭବନ, ଦାନିବନ୍ଧ, ଭି.ଏସ୍.ଏସ୍.ମାର୍ଗ,
ଫୋନ୍ : ୦୬୬୩- ୨୪୦୦୦୫୬/୨୫୩୩୩୫୬

୪୪. ନିଶ୍ଚିନ୍ତକୋଇଲି, ମେନ୍‌ରୋଡ୍, କଟକ- ୭୫୪୨୦୭,
ଫୋନ୍ : ୮୮୯୫୫୩୫୧୧୫

୪୫. ଜଗତସିଂହପୁର- ୭୫୪୧୦୩, ଟର୍କିକା ବଜାର, ଫୋନ୍ : ୦୬୭୨୪-୨୨୧୪୫୭

୪୬. ଚୌଦ୍ୱାର- ଡି. ୪୯, ଓ.ଟି.ଏମ୍. ୟୁ.ପି. ସ୍କୁଲ, ଓ.ଟି.ଏମ୍. ଷ୍ଟାଫ୍ କଲୋନୀ,
କଟକ, ଫୋନ୍ : ୯୮୬୧୧୮୩୩୪୨

୪୭. ରାଉରକେଲା- ୭୬୯୦୧୨, ଡାଇମଣ୍ଡଭବନ, ବାସନ୍ତୀକଲୋନୀ, ବସନ୍ତନଗର,
ଫୋନ୍ : ୦୬୬୧-୨୪୨୦୩୧୧

୪୮. ଗରଦପୁର, କେନ୍ଦ୍ରାପଡା- ୭୫୪୧୫୩, ରାଜଯୋଗ ସାଧନା ଭବନ
ଫୋନ୍ : ୦୬୭୨୨-୨୧୩୨୦୬

୪୯. ବାଣପୁର - ୭୫୨୦୩୧, ପୋଷ୍ଟ ଅଫିସ୍ ପାଖ, ଖୋର୍ଦ୍ଧା, ଫୋନ୍ : ୦୬୭୫୬-୨୨୩୨୦୧

୫୦. ବରଗଡ- ୭୬୮୦୨୮, ଶିବଶକ୍ତି ଭବନ, ଗେରଗ ହାଇ ସ୍କୁଲ୍ ପାଖ,
ଖଜୁରୀ ଟିକରା ୱାର୍ଡ ନଂ- ୮, ଫୋନ୍ : ୦୬୬୪୬-୨୩୧୩୮୭

୫୧. ବେତନଟୀ- ୭୫୭୦୨୫, ସଦ୍‌ଭାବନା ଭବନ, ମଠ ସାହି, ମୟୂରଭଞ୍ଜ,
ଫୋନ୍ : ୦୬୭୯୩-୨୨୦୮୩୨

୫୨. ଭଦ୍ରକ- ୭୫୬୧୦୦, ନୂଆବଜାର, ଫୋ:୦୬୭୮୪-୨୪୨୬୯୮

୫୩. ଭବାନୀପାଟଣା- ୭୬୬୦୦୧, ଦିୱାନ ସାହେବ ପଡା, କଳାହାଣ୍ଡି,
ଫୋନ୍ : ୦୬୬୭୦-୨୩୧୧୫୬

୫୪. ବୁର୍ଲା- ୭୬୮୦୧୭, ପି.ଜି. ଚୌକ, ଗୌଡପାଲି, ମହାବୀର ନଗର, ସମ୍ବଲପୁର

୫୫. ଫୁଲବାଣୀ- ୭୬୨୦୦୧, ବ୍ରାହ୍ମଣ ସାହି, କନ୍ଧମାଳ, ଫୋନ୍: ୦୬୮୪୨-୨୫୩୪୯୬

୫୬. ସୁନ୍ଦରଗଡ- ୭୭୦୦୦୧, ଶିବ ସୁନ୍ଦରମ୍ ଭବନ, ଭବାନୀ ଭବନ ଅଞ୍ଚଳ,
ଗର୍ମେଣ୍ଟ ହସ୍‌ପିଟାଲଗଡ, ଫୋନ୍ : ୦୬୬୨୨-୨୭୩୫୦୯

୫୭. ତାଳଚେର- ୭୫୯୧୦୭, ଜ୍ୟୋତି ଦର୍ଶନ ଭବନ, ବାଇପାସ୍ ରୋଡ୍, ଅନୁଗୁଳ,
ଫୋନ୍ : ୦୬୭୬୪-୨୪୨୫୨୨

୫୮. ଝାରସୁଗୁଡା- ୭୬୮୨୦୧, ଘୋଷଲାରୋଡ୍, ଫୋନ୍ : ୦୬୬୪୫-୨୭୨୧୯୬

୫୯. ପିପିଲି- ୭୫୨୦୧୪, ନରସିଂହପୁର, ପୁରୀ

୬୦. ବଡଚଣା- ୭୫୪୦୮୧, ଶିବଜ୍ୟୋତି ଦର୍ଶନ ଭବନ, ନାହପୁର, ଫୋନ୍ : ୦୬୭୨୫-୨୨୧୧୩୯

୬୧. କୁଜଙ୍ଗ- ୭୫୪୧୪୧, ହାଇସ୍କୁଲ୍ ପାଖ, ଜଗତସିଂହପୁର, ଫୋନ୍ : ୦୬୭୨୨-୨୩୬୯୩୬

# ଗୀତାଜ୍ଞାନ କେବେ, କାହିଁକି ଏବଂ କାହାଦ୍ୱାରା ଦିଆଗଲା ?

# GITA KNOWLEDGE WHEN, WHY & BY WHOM ?



# दिव्य गुण

## DIVINE VIRTUES

